ବର୍ଷ-୨୬, ସଂଖ୍ୟା-୩୧୭
ଭୁବନେଶ୍ୱର
ନଭେମ୍ବର, ୨୭, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 317
Bhubaneswar
November, 27, 2026, Friday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ମାତାପିତାଙ୍କଠାରୁ ଦୂରେଇ ରହିବା କଥା ମୁଁ କେବେ ଭାବିପାରେନି: ଅଭିଷେକ ବଚ୍ଚନ

ବର୍ଷକୁ ୬ ହଜାରରୁ ଅଧିକ ମୁଣ୍ଡ ନେଉଛି ସଡ଼କ ଦୁର୍ଘଟଣା

ଭୁବନେଶ୍ୱର, ୨୬।୧୧(ମହାଭାରତ): ବର୍ଷକୁ ୬ ହଜାରରୁ ଅଧିକ ମୁଣ୍ଡ ନେଉଛି ସଡ଼କ ଦୁର୍ଘଟଣା । ଗତ ତିନି ବର୍ଷର ତଥ୍ୟ ବଢ଼ାଇଲା ଚିନ୍ତା । ତିନି ବର୍ଷରେ ଯାଇଛି ୧୮ ହଜାର ୩୬୪ ଜଣଙ୍କ ଜୀବନ । ସେହିପରି କେବଳ ଭାରିଯାନ ଦୁର୍ଘଟଣା ପାଇଁ ୨୧୬୬ ଙ୍କ ମୃତ୍ୟୁ ହୋଇଛି । ୨୦୨୩ ରେ ୫୭୪୯, ୨୦୨୪ ରେ ୬୧୪୨ ଓ ୨୦୨୫ ରେ ୬୪୮୩ ଜଣଙ୍କ ଜୀବନ ନେଇଛି ସଡ଼କ ଦୁର୍ଘଟଣା । କେବଳ ଚଳିତ ବର୍ଷ ଜାନୁଆରୀରୁ ଅଗଷ୍ଟ ଭିତରେ ୪୬୩୫ ଜୀବନ ଯାଇଥିବା ନେଇ ଗୃହରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା ।

ଭୁବନେଶ୍ୱରକୁ ଜିଲ୍ଲା ଗଠନ ପାଇଁ ଦାବି

ଭୁବନେଶ୍ୱର, ୨୬।୧୧(ମହାଭାରତ): ଶୂନ୍ୟକାଳରେ ଭୁବନେଶ୍ୱରକୁ ଜିଲ୍ଲା ଗଠନ ପାଇଁ ଦାବି କରିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା । ସେ କହିଛନ୍ତି ଯେ, ଦେଶରେ ୨୫ଟି ରାଜ୍ୟର ରାଜଧାନୀକୁ ଜିଲ୍ଲାର ମାନ୍ୟତା ଦିଆଯାଇଛି । ହେଲେ ଓଡ଼ିଶାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗତ ୧୯ ତାରିଖରେ ବର୍ତ୍ତମାନ କୌଣସି ଜିଲ୍ଲା ଗଠନ ପାଇଁ ସରକାର ଚିନ୍ତା କରି ନଥିବା ମନ୍ତ୍ରୀ କହିଛନ୍ତି । ହେଲେ ଭୁବନେଶ୍ୱର ଜିଲ୍ଲା ହେବା ନିହାତି ଆବଶ୍ୟକ ଥିବାରୁ ସରକାର ଏହାକୁ ତୁରନ୍ତ ବିଚାର କରିବାକୁ ଅନୁରୋଧ କରିଛନ୍ତି ବିଧାୟକ ଗଣେଶ୍ୱର ବେହେରା ।

....

ପିଏମ- ଇ-ବସ ସେବାରେ ଚାଲିବ ଆହୁରି ୪୦୦ ଇ-ବସ

ଭୁବନେଶ୍ୱର, ୨୬।୧୧(ମହାଭାରତ): ପିଏମ- ଇ-ବସ ସେବାରେ ଚାଲିବ ଆହୁରି ୪୦୦ ଇ-ବସ । ଭୁବନେଶ୍ୱର କଟକ ରାଉରକେଲା ସମ୍ବଲପୁର ଓ ବ୍ରହ୍ମପୁରରେ ଏହି ବସ ଚଲାଇବାକୁ ଯୋଜନା ହୋଇଛି । ସମ୍ବଲପୁର ରାଉରକେଲାରେ ୨୦୨୭ରେ ଚାଲିବାକୁ ଥିବାବେଳେ ନଭେମ୍ବର ୨୦୨୭ ରେ ବ୍ରହ୍ମପୁର ଚଳିବ । ସେହିପରି ବାଲେଶ୍ୱରରେ ଗୋଟେ ଡିପୋରୁ ୩୫ ଟି ଇ-ବସ ୬ ଟି ରୁଟ ଦେଇ ଚାଲିବ । ବର୍ତ୍ତମାନ ରାଜ୍ୟରେ ୬ ଟି ସହରକୁ କ୍ଲଷ୍ଟର ୪୪୦ ବସ ଚଲାଚଳ କରୁଥିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ଗୃହରେ ତଥ୍ୟ ରଖିଛନ୍ତି ।

ସଂସଦର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡାକରା

ନୂଆଦିଲ୍ଲୀ, ୨୬।୧୧(ମହାଭାରତ): ହଠାତ୍ ସଂସଦର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି କେନ୍ଦ୍ର ସରକାର। ଆସନ୍ତା ୩୦ ତାରିଖ ଅର୍ଥାତ ସୋମବାର ଲୋକସଭାର ସ୍ୱତନ୍ତ୍ର ଅଧିବେଶନ ବସିବ। ସେହିପରି ଡିସେମ୍ବର ୨ରେ ରାଜ୍ୟସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶ ଡକାଯାଇଛି। ଏହି ସ୍ୱତନ୍ତ୍ର ଅଧିବେଶନ ସ୍ଥଗିତ ରହିଥିବା ମୌସୁମୀ ଅଧିବେଶନର ଅଂଶବିଶେଷ ବୋଲି ଜଣାପଡ଼ିଛି।

ଗୁରୁବାର ଏକ୍ସରେ ଗୋଟିଏ ପୋଷ୍ଟ କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ସଦନର କାର୍ଯ୍ୟ ଦିବସ ଡିସେମ୍ବର ୩ରେ ଶେଷ ହୋଇପାରେ। ତଥାପି ଗୃହର ବିଜନେସ ଉପରେ ଏହା ନିର୍ଭର କରେ।

ସେ କହିଛନ୍ତି, "ସରକାର ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ୩୦ ନଭେମ୍ବରରେ ଲୋକସଭା ଓ ଡିସେମ୍ବର ୨ରେ ରାଜ୍ୟସଭା ଅଧିବେଶନ ବସିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଜରୁରୀ ସରକାରୀ କାର୍ଯ୍ୟପାଇଁ ଏପରି ଅଧିବେଶନ ଡକାଯାଉଛି। ଉଭୟ ସଦନର କାର୍ଯ୍ୟ ଡିସେମ୍ବର ୩ରେ ଶେଷ ହୋଇପାରେ।"

ସ୍ୱତନ୍ତ୍ର ଅଧିବେଶନ ଡାକିବାର କାରଣ ଜଣାପଡ଼ି ନଥିଲେ ହେଁ ସରକାର ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସଂକ୍ରାନ୍ତ ବିଲ ଉଭୟ ଗୃହରେ ଆଣି ପାରନ୍ତି। ହେଲେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ ପାରିତ କରିବାରେ ବିଫଳ ହୋଇଥିଲେ ସରକାର। ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର।



ପୂର୍ବରୁ ଏହାକୁ ଯୋଗାଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏଥର ବିଲ୍ ସପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଅଧିକ ୧୫ରୁ ୧୮ଟି ଭୋଟ ପାଇବ ବୋଲି ସରକାରୀ ସୂତ୍ରରେ କୁହାଯାଇଛି।

ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଧେୟକ ଓ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ସମାନ ପ୍ରସଙ୍ଗରେ ମୋଦି ସରକାରଙ୍କୁ ଏପ୍ରିଲ ୧୭ ବଜେଟ ଅଧିବେଶନରେ ଶକ୍ତ ଝଟକା ଲାଗିଥିଲା। ସୀମା ପୁନଃ ନିର୍ଦ୍ଧାରଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ ଓ ମହିଳା ସଂରକ୍ଷଣ ବିଲ୍ ଲୋକସଭାରେ ଆବଶ୍ୟକ ସମର୍ଥନ ହାସଲ କରିପାରି ନଥିଲା।

ଏହାପରେ ସରକାର ମୌସୁମୀ ଅଧିବେଶନ ସମୟରେ ମଧ୍ୟ ବିଲ୍ ଆଣିବାକୁ ଚାହୁଁଥିଲେ। କିନ୍ତୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ସରକାର ନିଜ ଯୋଜନାରେ ସଫଳ ହୋଇ ନଥିଲେ।

ବାସ୍ତବରେ ଯେକୌଣସି ସମ୍ବିଧାନ ସଂଶୋଧନ ବିଧେୟକକୁ ପାରିତ କରିବା ପାଇଁ ସଂସଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ରହିଛି। ହେଲେ ଦୁଇ ତୃତୀୟାଂଶ ଅର୍ଥାତ ୩୬୦ ସାଂସଦଙ୍କ ସମର୍ଥନ ଏନଡିଏ ପାଖରେ ନାହିଁ। ବର୍ତ୍ତମାନ ଲୋକସଭାରେ ୫୪୦ ଜଣ ସଦସ୍ୟ ରହିଛନ୍ତି। ସେହିପରି ଟିଏମସିର ୨୦ ଜଣ ଓ ଶିବସେନା(ଉଦ୍ଧବ ଠାକରେ)ର ୬ ଜଣ ସାଂସଦ ଏନଡିଏ ସହ ହାତ ମିଳାଇଥିବାରୁ ସରକାରଙ୍କ ଶକ୍ତି ବଢ଼ିଛି। ସରକାର ସମ୍ବିଧାନ ସଂଶୋଧନ ଜରିଆରେ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବାକୁ ଚାହୁଁଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ଜରିଆରେ ସରକାର ଅଧିକ ଆସନ ସୃଷ୍ଟି କରିବା ଲକ୍ଷ୍ୟରେ ଅଛନ୍ତି। ଏପରି କରି ସଂସଦ ଓ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ କରି ରଖିବାକୁ ଚାହୁଁଛନ୍ତି ସରକାର।

ଦୀଘା ମନ୍ଦିର ପରିସରରୁ 'ଧାମ' ଶବ୍ଦ ହଟିଲା

ଭୁବନେଶ୍ୱର, ୨୬।୧୧(ମହାଭାରତ): ପଶ୍ଚିମବଙ୍ଗର ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ 'ଧାମ' ଶବ୍ଦ ହଟାଇବା ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ହେବା ସହ କୋଟି କୋଟି ଓଡ଼ିଆଙ୍କ ଆସ୍ଥା, ବିଶ୍ୱାସ ଓ ସାଂସ୍କୃତିକ ପରିଚୟର ସର୍ବଶ୍ରେଷ୍ଠ ପ୍ରତୀକ। ଶ୍ରୀକ୍ଷେତ୍ରର ଅନନ୍ୟ ଧାର୍ମିକ ମର୍ଯ୍ୟାଦାକୁ ଅଣଦେଖା କରି ଦୀଘା ମନ୍ଦିର ପାଇଁ 'ଜଗନ୍ନାଥ ଧାମ' ନାମ ବ୍ୟବହାର କରାଯିବା ନିଷ୍ପତ୍ତି ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଥିଲା।ମୁଖ୍ୟମନ୍ତ୍ରୀ ଆହୁରିକହିଛନ୍ତିଯେ, ମୁଁଅତ୍ୟନ୍ତ ଆନନ୍ଦିତ ଯେ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ଜୀ ତାଙ୍କର ପୂର୍ବ ଘୋଷଣାକୁ କାର୍ଯ୍ୟକାରୀ କରି ଦୀଘା ମନ୍ଦିର ପରିସରରୁ 'ଧାମ' ଶବ୍ଦ ହଟାଇବା ନିଷ୍ପତ୍ତିର ଆନୁଷ୍ଠାନିକ ସ୍ୱୀକୃତି ସୁନିଶ୍ଚିତ କରିଛନ୍ତି। ବର୍ତ୍ତମାନ ଏହି ପରିସର 'ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ଏବଂ ମନ୍ଦିର 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର' ନାମରେ ନାମିତ ହେବ। ଶ୍ରୀ ଅଧିକାରୀ ଜୀଙ୍କର ଏହି ସମ୍ବେଦନଶୀଳତା ଓ ତ୍ୱରିତ ପଦକ୍ଷେପ ପାଇଁ ମୁଁ ତାଙ୍କୁ ସାଧୁବାଦ ଜଣାଉଛି।ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଜେପି ନେତୃତ୍ୱାଧୀନ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ ଗଠନମୂଳକ ସହଯୋଗ ଫଳରେ ଏହି ଐତିହାସିକ ସମାଧାନ ସମ୍ଭବ ହୋଇପାରିଛି। ଏହା ସନାତନ ସଂସ୍କୃତି, ପରମ୍ପରା ଏବଂ ଅଗଣିତ ଭକ୍ତଙ୍କ ଧାର୍ମିକ ଆସ୍ଥା ପ୍ରତି ଆମର ଅତୁଟ ସମ୍ମାନକୁ ପ୍ରତିଫଳିତ କରେ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ଜୀ ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ସରକାରୀ ଜମି ଜବରଦଖଲ ପ୍ରସଙ୍ଗକୁ ଗୃହରେ ସ୍ୱୀକାର କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧(ମହାଭାରତ): ରାଜ୍ୟରେ ସରକାରୀ ଜମି ଜବରଦଖଲ ପ୍ରସଙ୍ଗକୁ ଗୃହରେ ସ୍ୱୀକାର କରିଛନ୍ତି ମନ୍ତ୍ରୀ । ଗୃହରେ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଜବରଦଖଲ ଏକ ବହୁତ ବଡ଼ ସମସ୍ୟା । ସରକାରୀ ଜମିକୁ ମାଡ଼ି ବସିଛନ୍ତି ଲୋକେ । ମାଲକାନଗିରିରେ ନିକଟରେ ୧୦୦ ଏକର ଜମିକୁ ଜବରଦଖଲ ମୁକ୍ତ କରାଯାଇଛି । ଦୁଇ ପ୍ରକାର ଜବରଦଖଲ ହେଉଛି । ଗରିବ ଲୋକ ଜବରଦଖଲ କଲେ ତାଙ୍କୁ ବସୁନ୍ଧରା ଯୋଜନାରେ ଜମି ଦେବାକୁ ଏବଂ ସ୍ୱଚ୍ଛଳ ଲୋକେ ଜବରଦଖଲ କଲେ ମୁକ୍ତ କରିବାକୁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଯଦି ସରକାର ପଦକ୍ଷେପ ନନେବେ ରାଜସ୍ୱ ବିଭାଗ ଭୂମିହୀନ ହୋଇଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ଆସିବ ନୂଆ ଆଇନ

ଜବର ଦଖଲ ଜମି ଫେରାଇବା ସହ ସରକାରୀ ଜମିର ପରିଚାଳନା ପାଇଁ ନୂଆ ଆଇନ ଆଣିବେ ରାଜ୍ୟ ସରକାର । ଏନେଇ ଗୃହରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ଜବରଦଖଲ ଜମି ଫେରାଇବା ପାଇଁ ଅନେକ ଆଇନ ରହିଛି ଓଡିଶା ଲ୍ୟାଣ୍ଡ ପ୍ରିଭେନସନ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ, ଓଡିଶା ସରକାରୀ ଜମି ସେଟେଲମେଂଟ ଆକ୍ଟ । ଗୁଡିଏ ଆଇନକୁ ସଂକଳନ କରି ନୂଆ ଆଇନ ପ୍ରସ୍ତୁତି ଚାଲିଛି । ଓଡିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ନୂଆ ଆଇନ ଆସିବ । ଖୁ ଶୀଘ୍ର ବିଧାନସଭାରେ ତାର ଚିଠା ଆଇନ ଆଣାଯିବ । ଯାହା ଜବରଦାଖଲ ଉଚ୍ଛେଦ ଏବଂ ସରକାରୀ ଜମି ପରିଚାଳନାରେ ସହାୟକ ହେବ । ଏହା ସହ ମନ୍ତ୍ରୀ କହିଛନ୍ତି ୧୦ ବର୍ଷରୁ ଅଧିକ ସମୟ ଧରି ଜମି ନେଇ ଶିଳ୍ପ କରିନଥିବା ସଂସ୍ଥାକୁ ନୋଟିସ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

ସମ୍ବିଧାନର ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ଅନୁଷ୍ଠାନର ସୁରକ୍ଷା ସର୍ବୋଚ୍ଚ କର୍ତ୍ତବ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧(ମହାଭାରତ): ସମ୍ବିଧାନ ଗୌରବ ଦିବସ ଅବସରରେ ଆଜି ସ୍ଥାନୀୟ ରେଳ ପ୍ରେକ୍ଷାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତା ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ ସର୍ବୋଚ୍ଚ କର୍ତ୍ତବ୍ୟ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ ଗୃହୀତ ହେବା ପରେ ଭାରତ ଏକ ସଶକ୍ତ ଓ ସ୍ୱାବଲମ୍ବୀ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ସମ୍ବିଧାନର ମୁଖ୍ୟ ଶିଳ୍ପୀ ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଦକର, ସମ୍ବିଧାନ ସଭାର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ସରଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ ସମ୍ବିଧାନ ସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଡକ୍ଟର ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ, ମାଳତୀ ଚୌଧୁରୀ, ଶାନ୍ତନୁ କୁମାର ଦାସ, ନନ୍ଦକିଶୋର ଦାସ, ରାଜକୃଷ୍ଣ ବୋଷ ଏବଂ ଭୁବନାନନ୍ଦ ଦାସଙ୍କ ଅବଦାନକୁ ସ୍ମରଣ କରିଥିଲେ। ସମ୍ବିଧାନର ମୁଖବନ୍ଧରେ ନିହିତ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱ ରାଷ୍ଟ୍ରର ମେରୁଦଣ୍ଡ ଏବଂ ମୌଳିକ ଅଧିକାରର ସୁରକ୍ଷା ପାଇଁ ଅନୁଚ୍ଛେଦ ୩୨ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ ସମସାମୟିକ ରାଷ୍ଟ୍ର ଏକଛତ୍ରବାଦ କିମ୍ବା ସାମରିକ ଶାସନ ଆଡ଼କୁ ଠେଲି ହୋଇଯାଇଥିବା ବେଳେ କେବଳ ସମ୍ବିଧାନ ଯୋଗୁଁ ଭାରତରେ ନିରନ୍ତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ତିଷ୍ଠି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି । ତେବେ ଦେଶର ସାମ୍ବିଧାନିକ ଇତିହାସରେ ଜରୁରୀକାଳୀନ ପରିସ୍ଥିତିକୁ ଏକ କଳା ଅଧ୍ୟାୟ ଭାବେ ଅଭିହିତ କରି ସେ କହିଛନ୍ତି ଯେ, ସେ ସମୟରେ ଧାରା ୩୫୯ ଲାଗୁ କରି ଅନୁଚ୍ଛେଦ ୩୨କୁ ସସପେଣ୍ଡ କରାଯିବା ସହ ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଇଥିଲା । ଏଡିଏମ୍ ଜବଲପୁର ମାମଲାରେ ବିଚାରପତି ଏଚ୍.ଆର୍. ଖାନ୍ନାଙ୍କ ଐତିହାସିକ ଭିନ୍ନ ମତାମତ ଏବଂ ୪୨ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସମ୍ବିଧାନର ମୌଳିକ ଢାଞ୍ଚାରେ କରାଯାଇଥିବା ପରିବର୍ତ୍ତନ, ଧାରା ୩୫୬ର ଅପବ୍ୟବହାର ଓ ମିସା ଆଇନ ଅଧୀନରେ ହୋଇଥିବା ଗିରଫଦାରୀ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ କଂଗ୍ରେସ ସରକାରର କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବିଧାନକୁ ସର୍ବୋଚ୍ଚ ସମ୍ମାନ ଦିଆଯାଉଛି ଏବଂ କୌଣସି ଅଣସମ୍ବିଧାନିକ ଉପାୟରେ ଏଥିରେ ପରିବର୍ତ୍ତନ କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଗଣତନ୍ତ୍ରର ପ୍ରକୃତ ସଫଳତା କେବଳ ସାମ୍ବିଧାନିକ ଅଧିକାରରେ ସୀମିତ ନରହି ବ୍ୟକ୍ତି, ସମାଜ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି । ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି ଏବଂ ପ୍ରାୟ ୫୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ବୋଲି ସେ କହିଛନ୍ତି । ସେହିପରି ଓଡ଼ିଶାରେ ମଧ୍ୟ ଗତ ଅଢେଇ ବର୍ଷ ଧରି 'ସବ୍?କା ସାଥ, ସବ୍?କା ବିକାଶ, ସବ୍?କା ବିଶ୍ୱାସ, ସବ୍?କା ପ୍ରୟାସ' ମନ୍ତ୍ରରେ ପ୍ରତ୍ୟେକ ବର୍ଗର ବିକାଶ ପାଇଁ କାର୍ଯ୍ୟ ଚାଲିଛି । ସ୍ୱଚ୍ଛ ଓ ଦକ୍ଷ ଶିଳ୍ପ ନୀତି ଯୋଗୁଁ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି, ଯାହା 'ସମୃଦ୍ଧ ଓଡ଼ିଶା' ଗଠନର ପଥ ପରିଷ୍କାର କରିବ । ଅନ୍ୟପକ୍ଷରେ, ତାମିଲନାଡୁର ମଦୁରାଇ ନିକଟସ୍ଥ 'ଦୀପଥୁନ'ଠାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦୀପ ପ୍ରଜ୍ୱଳନ ପାଇଁ ଅନୁମତି ନ ମିଳିବା ଘଟଣାକୁ ଉଲ୍ଲେଖ କରି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଅବମାନନା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଦେଶର ଯୁବବର୍ଗ ଓ ସଚେତନ ନାଗରିକମାନେ ମିଛ ଓ ଅପପ୍ରଚାରକୁ ପ୍ରତିହତ କରି ସତ୍ୟ ଓ ନ୍ୟାୟର ପଥରେ ଆଗେଇବାକୁ ସେ ଆହ୍ୱାନ ଜଣାଇଛନ୍ତି ।



କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟସଭା ସାଂସଦ ମନମୋହନ ସାମଲ ଭାରତୀୟ ସମ୍ବିଧାନର ମହତ୍ତ୍ୱ, ସାମାଜିକ ନ୍ୟାୟ ଓ ନାଗରିକ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁରୀ ସାଂସଦ ସମିତ୍ ପାତ୍ର ଭାରତୀୟ ସମ୍ବିଧାନର ମହାନତା, ରାଷ୍ଟ୍ର ନିର୍ମା



ଜୀବନଚର୍ଯ୍ୟା



ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



ଖବର

ସାରାଙ୍କୁ ନୂଆ ସୁଯୋଗ



ଲୋକପ୍ରିୟ ଅଭିନେତ୍ରୀ ସାରା ଅର୍ଜୁନଙ୍କୁ ମିଳିଛି ଆଉ ଏକ ବଡ଼ ସୁଯୋଗ। ତାମିଲ, ହିନ୍ଦୀ ଓ ତେଲୁଗୁ ସମେତ ବିଭିନ୍ନ ଭାଷାର ଚଳଚ୍ଚିତ୍ରରେ ନିଜ ଅଭିନୟ ପ୍ରତିଭାର ପରିଚୟ ଦେଇଥିବା ସାରା ଆଗାମୀ ଦିନରେ ନିର୍ଦ୍ଦେଶକ ମନୀଷ ଶର୍ମାଙ୍କ ଏକ ସଙ୍ଗୀତପ୍ରଧାନ ପ୍ରେମକାହାଣୀରେ ନଜର ଆସିବେ। ଏହି ଚଳଚ୍ଚିତ୍ର ଜରିଆରେ ସାରା ପ୍ରଥମ ଥର ପାଇଁ ଯଶରାଜ ଫିଲ୍ମସ୍ (ୱାଇଆରଏଫ୍) ବ୍ୟାନରରେ କାମ କରିବେ। ତେବେ ଏଯାବତ୍ ଚଳଚ୍ଚିତ୍ରର ନାମ ଓ ଅନ୍ୟ କଳାକାରଙ୍କ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇନାହିଁ।

୨୦୨୭ ଜାନୁଆରିରେ ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହେବା ନେଇ ସୂଚନା ମିଳିଥିବାବେଳେ ଏହାର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଫିଲ୍ମରେ ସଙ୍ଗୀତକୁ ବିଶେଷ ଗୁରୁତ୍ୱ ଦିଆଯିବା ସହ ଏଥିରେ ପ୍ରାୟ ଆଠଟି ଗୀତ ରହିବ ବୋଲି ଜଣାପଡ଼ିଛି। ୨୦୦୫ ଜୁନ୍ ୧୮ରେ ମୁମ୍ବାଇରେ ଜନ୍ମିତ ସାରା ଖୁବ୍ କମ୍ ବୟସରୁ ବିଜ୍ଞାପନ ଜଗତରେ ପାଦ ଥାପିଥିଲେ। ୨୦୧୯ରେ ତାମିଲ୍ ଚଳଚ୍ଚିତ୍ର 'ଦୈବ ତିରୁମଗଳ'ରେ ଶିଶୁ କଳାକାର ଭାବେ ଅଭିନୟ କରି ସେ ଚର୍ଚ୍ଚାକୁ ଆସିଥିଲେ। ପରେ 'ଜଜ୍‌ବା', 'ସାଣ୍ଡ୍ କି ଆଁଖ୍' ଓ 'ପୋନ୍ନିୟିନ୍ ସେଲଭନ୍' ଭଳି ଚଳଚ୍ଚିତ୍ରରେ ନିଜ ଅଭିନୟର ଛାପ ଛାଡ଼ିଥିଲେ। ରଣବୀର ସିଂହଙ୍କ ସହ 'ଧୁରନ୍ଧର'ରେ ଅଭିନୟ କରିବା ପରେ ସାରାଙ୍କ ଲୋକପ୍ରିୟତା ଶୀର୍ଷ ଛୁଇଁଛି।

ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆସନ୍ତୁ ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଟନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।



ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

ନଟରାଜ

ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଲୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚତୁର୍ଦ୍ଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ



ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।

ଶନି କେବେ ଦେଇଥାନ୍ତି ଅଶୁଭ ଫଳ

୧. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼େ ସାତି ଓ ଦେଢ଼ୁ୍ୟା ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୨. ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୩. ନିଜ ପଦର ଅଂହକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲାକଙ୍କୁ କଠାର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

ନଗରନକ୍ସା ମହାନଗରର ନିଜ ଭାଷା

କୃଷି ଯନ୍ତ୍ରପାତି ମେଳା ପାଇଁ ନିର୍ମାତା ସମ୍ମିଳନୀ କିସ୍ ପ୍ରକଳ୍ପ ଶିଶୁ ବିଜ୍ଞାନ କଂଗ୍ରେସକୁ ମନୋନୀତ

ଭୁବନେଶ୍ୱର,୨୬।୧୧ (ମହାଭାରତ): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ କୃଷି ଭବନ ଅଡିଟୋରିୟମଠାରେ କୃଷି ଯାନ୍ତ୍ରିକୀକରଣ ମେଳା ସମ୍ପର୍କିତ ଏକ ନିର୍ମାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ପୋମା ଟୁଡୁ ଏବଂ ମୁଖ୍ୟ ଯନ୍ତ୍ରୀ (କୃଷି) ଶ୍ରୀନିବାସ ପୃଷ୍ଟି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମ୍ମିଳନୀରେ ଉଦବୋଧନ ଦେଇ ଅତିଥିମାନେ କହିଥିଲେ ଯେ ଓଡ଼ିଶା ସରକାର କୃଷି କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ଏବଂ କୃଷି ଯନ୍ତ୍ରପାତି ଓ ଉପକରଣ ଉପରେ ବ୍ୟାପକ ରିହାତି (ସବସିଡି) ପ୍ରଦାନ ମାଧ୍ୟମରେ କୃଷି



ଯାନ୍ତ୍ରିକୀକରଣକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରି କହିଥିଲେ ଯେ କୃଷି କ୍ଷେତ୍ରରେ ଶ୍ରମ ଲାଘବ କରିବା ଏବଂ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ମାତାମାନେ ବିଶେଷ ଭାବେ ମହିଳା ଚାଷୀଙ୍କ ନିମନ୍ତେ ଉପଯୋଗୀ ଓ ସହଜରେ ବ୍ୟବହାର କରାଯାଇପାରୁଥିବା ଯନ୍ତ୍ରପାତି ବିକଶିତ କରିବା ଉପରେ ଧ୍ୟାନ ଦେବା ଉଚିତ । ରାଜ୍ୟର ଅନୁକୂଳ ଶିଳ୍ପ ବାତାବରଣର ଲାଭ ଉଠାଇ ଓଡ଼ିଶା ମଧ୍ୟରେ ହିଁ ଯନ୍ତ୍ରପାତି ଉତ୍ପାଦନ କରିବାକୁ ସେ ଶିଳ୍ପ ଅଂଶୀଦାରମାନଙ୍କୁ ଆହ୍ୱାନ ଦେଇଥିଲେ, ଯାହାଫଳରେ ସ୍ଥାନୀୟ ଉତ୍ପାଦନ, ଯୋଗାଣ ଏବଂ ଉନ୍ନତ ସେବା ସୁନିଶ୍ଚିତ ହୋଇପାରିବ।

ରାଜ୍ୟର ଦ୍ରୁତ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ଅଧିକାରୀମାନେ କହିଥିଲେ ଯେ ବର୍ତମାନ ଓଡ଼ିଶାରେ କୃଷି ଶକ୍ତି ଉପଲବ୍ଧତା ହେକ୍ଟର ପିଛା ୨.୭୬ କିଲୋୱାଟକୁ ବୃଦ୍ଧି ପାଇଛି । ୨୦୩୬ ସୁଦ୍ଧା ଏହାକୁ ହେକ୍ଟର ପିଛା ୩.୫୦ କିଲୋୱାଟ ଏବଂ ୨୦୪୭ ସୁଦ୍ଧା ୪.୫୦ କିଲୋୱାଟରେ ପହଂଚାଇବାକୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଯାନ୍ତ୍ରିକୀକରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୫୭୦ କୋଟି ଟଙ୍କାର ସବସିଡି ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ପ୍ରାୟ ୨,୦୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ହେବାର ଆଶା କରାଯାଉଛି ଏବଂ ଏହା ଓଡ଼ିଶାର ଚାଷୀମାନଙ୍କୁ ସିଧାସଳଖ ଉପକୃତ କରିବ। ଶ୍ରମିକଙ୍କ ଉପରେ ନିର୍ଭରଶୀଳତା ହ୍ରାସ, ଶ୍ରମିକ ଅଭାବ ଦୂରୀକରଣ, ଚାଷ ଖର୍ଚ୍ଚ ହ୍ରାସ ଏବଂ ଠିକ୍ ସମୟରେ କୃଷି କାର୍ଯ୍ୟ ସୁନିଶ୍ଚିତ କରିବା ଦ୍ୱାରା ଯାନ୍ତ୍ରିକୀକରଣ କେବଳ କୃଷି ଉତ୍ପାଦକତା ଓ ଲାଭ ବୃଦ୍ଧି କରୁନାହିଁ, ବରଂ ଯୁବପିଢ଼ିଙ୍କ ପାଇଁ କୃଷିକୁ ଏକ ଅଧିକ ଆକର୍ଷଣୀୟ ଏବଂ ଲାଭଜନକ ବୃତ୍ତିରେ ପରିଣତ କରୁଛି । କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ଦକ୍ଷତା ଏବଂ ଉତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ଅନେକ ସୁଦୃଢ଼ ଡିଜିଟାଲ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିମଧ୍ୟରେ ଚାଷୀଙ୍କ ପାଇଁ 'ଗୋ-ସୁଗମ' ପୋର୍ଟାଲ ମାଧ୍ୟମରେ ସମ୍ପୂର୍ଣ୍ଣ ଅନଲାଇନ୍ ଆବେଦନ ପ୍ରକ୍ରିୟା, ନିର୍ମାତାଙ୍କ ତାଲିକାଭୁକ୍ତ ଓ ଯନ୍ତ୍ରପାତି ମଡେଲଗୁଡ଼ିକର ଅନୁମୋଦନ ପାଇଁ ସମ୍ପୂର୍ଣ୍ଣ ଅନଲାଇନ୍ ବ୍ୟବସ୍ଥା ଏବଂ ହିତାଧିକାରୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ସିଧାସଳଖ ସବସିଡି ପ୍ରଦାନ ଅନ୍ତର୍ଭୁକ୍ତ। ଯନ୍ତ୍ରପାତି ବିତରଣ ପରେ ସରକାରୀ ଅଧିକାରୀଙ୍କ ଦ୍ୱାରା ବାଧ୍ୟତାମୂଳକ ଯାଂଚ ଏବଂ ତୃତୀୟ-ପକ୍ଷ ମୂଲ୍ୟାଙ୍କନ ମାଧ୍ୟମରେ ଏହାର ସଠିକ୍ ବିନିଯୋଗ ସୁନିଶ୍ଚିତ କରାଯାଉଛି।

ଭୁବନେଶ୍ୱର,୨୬।୧୧ (ମହାଭାରତ): ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ (ଏନ୍ସିଏସ୍ସି)-୨୦୨୬ରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ମାଇଁ ଫୁଡ୍, ମାଇଁ ଲାଇଫ୍' ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଉତ୍କର୍ଷ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛି । ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। 'ସ୍ଥାୟୀ ବିକାଶ ପାଇଁ ବିଜ୍ଞାନ ଓ ନବସର୍ଜନା' ବିଷୟବସ୍ତୁ ଆଧାରରେ କିସ୍‌ର ନବମ ଶ୍ରେଣୀର ଛାତ୍ର ଲକ୍ଷ୍ମଣ ହାଁସଦା ଓ ଛାତ୍ରୀ ସଂପର୍କରେ ଏଥିରେ ଆଲୋକପାତ କରାଯାଇଛି। ଏହି ପାରମ୍ପରିକ ଖାଦ୍ୟଗୁଡ଼ିକୁ ସନ୍ତୁଳିତ ଆହାରରେ ସାମିଲ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସହ ରକ୍ତଚାପ ଓ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟତା ମିଳିପାରିବାର ସମ୍ଭାବନା ଉପରେ ମଧ୍ୟ ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ସ୍ଥାନୀୟ ଖାଦ୍ୟ ସଂପଦର ସୁରକ୍ଷା, ପାରମ୍ପରିକ ଖାଦ୍ୟାଭ୍ୟାସର ସଂରକ୍ଷଣ ଏବଂ ଏହାର ବ୍ୟବହାର ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ସମୁଦାୟଙ୍କ ଜୀବିକା ନିର୍ବାହ ଓ ଆର୍ଥିକ-ସାମାଜିକ ବିକାଶର ସୁଯୋଗ ସୃଷ୍ଟି ଉପରେ ମଧ୍ୟ ଆଲୋକପାତ କରାଯାଇଛି। ପାରମ୍ପରିକ ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ ଓ ସ୍ଥାୟୀ ବିକାଶ ମଧ୍ୟରେ ଥିବା ସଂପର୍କକୁ ଲୋକଲୋଚନକୁ ଆଣିବା ସହ 'ଆମର ପାରମ୍ପରିକ ଖାଦ୍ୟ ହିଁ ଆମର ପ୍ରାକୃତିକ ସଂପଦ' ବାର୍ତ୍ତା ପ୍ରସାର କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।



ଜାତୀୟ ସଂହତି ଦିବସ ପାଳିତ

ଭୁବନେଶ୍ୱର,୨୬।୧୧ (ମହାଭାରତ): ଜାତୀୟ ସଂହତିର ପ୍ରତିଷ୍ଠାତା ଓ ଦୃଢ଼ ନେତୃତ୍ୱର କଥା ଯେତେବେଳେ ମନେପଡ଼େ ସେତେବେଳେ ଇନ୍ଦିରା ଗାନ୍ଧୀ ଆମ ମାନସପଟରେ ଉଦ୍‌ଭାସିତ ହୁଅନ୍ତି । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ କରିଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ତଥା ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଇନ୍ଦିରା ଗାନ୍ଧୀଙ୍କ ରାଜନୈତିକ ଜୀବନ, ଅଦମ୍ୟ ସାହସ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଭାରତ-ପାକିସ୍ତାନ ଯୁଦ୍ଧ ହେଉ ଅବା ରାଜା-ମହାରାଜାଙ୍କ ହାତପାଣ୍ଠି ଉଚ୍ଛେଦ ହେଉ ଅବା ବ୍ୟାଙ୍କ ଜାତୀୟକରଣ, ଏସବୁ ଥିଲା ତାଙ୍କର ଦୃଢ଼ମନା ଓ ଦୂରଦର୍ଶୀ ନେତୃତ୍ୱର ପରିଭାଷା । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ। ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର କହିଲେ ଯେ ଆଧୁନିକ ଭାରତର ଇତିହାସ ପୃଷ୍ଠା ଯେଉଁ କେତେଜଣ ମହିୟସୀ ନାରୀଙ୍କ ଅବଦାନରେ ଗୌରବାନ୍ୱିତ ହୋଇଛି ସେମାନଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧୀ ଅନ୍ୟତମ। ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଶାସନକାଳ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ସେ କହିଥିଲେ।

ଭୂସ୍ଖଳନ ମୁକାବିଲା ପାଇଁ ହାତ ମିଳାଇଲେ ଓଡ଼ିଶା ଓ ଉତ୍ତରାଖଣ୍ଡ

ଭୁବନେଶ୍ୱର,୨୬।୧୧ (ମହାଭାରତ): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱସ୍ତରରେ ପ୍ରଶଂସିତ ଓଡ଼ିଶା ଏବେ ଭୂସ୍ଖଳନ ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛି । ରାଜ୍ୟର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ଦେଖାଦେଉଥିବା ଭୂସ୍ଖଳନ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଓଡ଼ିଶା ଓ ଉତରାଖଣ୍ଡ ମିଳିତ ଭାବେ କାର୍ଯ୍ୟ କରିବେ। ଏନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସଡମା) ଏବଂ ଉତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ୟୁଏସଡିଏମଏ) ମଧ୍ୟରେ ଖୁବ୍‌ଶୀଘ୍ର ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହେବ। ଉତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ଓ ଥଇଥାନ ସଚିବ ବିନୋଦ କୁମାର ସୁମନ ଏବଂ ଓସଡମା ଉପଦେଷ୍ଟା ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଆଲୋଚନାରେ ଏହି ସହମତି ପ୍ରକାଶ ପାଇଛି। ଡକ୍ଟର କମଳ ଲୋଚନ ମିଶ୍ରଙ୍କ ନେତୃତ୍ୱରେ ଓସଡମାର ଏକ ବିଶେଷଜ୍ଞ ଦଳ ଡେରାଡୁନ୍ ସ୍ଥିତ ଉତରାଖଣ୍ଡ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ୟୁଏସଡିଏମଏ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା କମିଟିର ଉପାଧ୍ୟକ୍ଷ ବିନୟ ରୁହେଲା ଏବଂ ଲେଫ୍ଟନାଂଟ କର୍ଣ୍ଣେଲ ରଘୁବୀର ସିଂହ ଭଣ୍ଡାରୀ (ଅବସରପ୍ରାପ୍ତ) ଉପସ୍ଥିତ ଥିଲେ। ବୈଠକରେ ଉତରାଖଣ୍ଡରେ କାର୍ଯ୍ୟକାରୀ ହେଉଥିବା ଭୂସ୍ଖଳନ ପ୍ରଶମନ, ବିପଦ ଆକଳନ, ନିରୀକ୍ଷଣ, ଆଗୁଆ ସତର୍କତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ଓସଡମା ଦଳକୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଡକ୍ଟର ମିଶ୍ର କହିଛନ୍ତି ଯେ, ନିକଟରେ ବାତ୍ୟା 'ଅର୍ଣ୍ଣବ' ପରବର୍ତୀ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଏହି ଅଞ୍ଚଳଗୁଡ଼ିକରେ ଭୂସ୍ଖଳନ ଏବେ ଏକ ନୂଆ ଆହ୍ୱାନ ଭାବେ ଉଭା ହୋଇଛି। ଭୂସ୍ଖଳନ ପରିଚାଳନାରେ ଉତରାଖଣ୍ଡ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ସେଠାକାର ଅଭିଜ୍ଞତା, ବୈଷୟିକ ଦକ୍ଷତା ଓ ନୂତନ ଉଦ୍ଭାବନ ଓଡ଼ିଶା ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ଓସଡମା ଦଳ ଏହାକୁ ଅନୁଧ୍ୟାନ କରି ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବ। ଉତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି ଯେ, ଉଭୟ ଓଡ଼ିଶା ଓ ଉତରାଖଣ୍ଡ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ପରସ୍ପର ମଧ୍ୟରେ ଜ୍ଞାନ, ଅଭିଜ୍ଞତା ଓ ପ୍ରଯୁକ୍ତିବିଦ୍ୟାର ବିନିମୟ ଅତ୍ୟନ୍ତ ଜରୁରୀ। ଉତରାଖଣ୍ଡରେ 'ଉତରାଖଣ୍ଡ ଭୂସ୍ଖଳନ ପ୍ରଶମନ ଓ ପରିଚାଳନା କେନ୍ଦ୍ର'କୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯାଇଛି। ଭୂଗର୍ଭସ୍ଥ ସ୍ଥିତି ଜାଣିବା ପାଇଁ ଆଧୁନିକ ବୈଜ୍ଞାନିକ କୌଶଳ ସହ ସମ୍ବେଦନଶୀଳ ଅଂଚଳ ଚିହ୍ନଟ ପାଇଁ ସାଟେଲାଇଟ୍ ଓ ଭୌଗୋଳିକ ସୂଚନା ପ୍ରଯୁକ୍ତିବିଦ୍ୟା (ଜିଆଇଏସ୍)ର ବ୍ୟାପକ ବ୍ୟବହାର କରାଯାଉଛି। ଭୂସ୍ଖଳନ ଆବର୍ଜନାରୁ ସୃଷ୍ଟି ହେଉଥିବା ବିପଦର ଆକଳନ ମଧ୍ୟ ଆରମ୍ଭ ହୋଇଛି। ଓଡ଼ିଶା ସହ ମିଳିତ ସହଯୋଗ ଦ୍ୱାରା ଉଭୟ ରାଜ୍ୟର ବିପର୍ଯ୍ୟୟ ମୁକାବିଲା କ୍ଷମତା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ପଦକ୍ଷେପକୁ ସ୍ୱାଗତ କରି ରାଜସ୍ୱ ଓ ବିପର୍ଯ୍ୟୟ



ସମ୍ ଅଲ୍‌ଟିମେଟ୍‌ରେ ବିରଳ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର,୨୬।୧୧ (ମହାଭାରତ): ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ଓ ଅସ୍ତ୍ରୋପଚାର କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍ମମ)ର ଡାକ୍ତରୀ ଟିମ୍। ଜଣେ ରୋଗୀଙ୍କ ଯକୃତର ଡାହାଣ ପାର୍ଶ୍ୱରୁ ୨୦ ସେଂଟିମିଟର ଆକାରର ଏକ ବିଶାଳ ଟ୍ୟୁମରକୁ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ସଫଳତାର ସହ ବାହାର କରିଛନ୍ତି ସମ୍ମମ୍‌ର ଡାକ୍ତର। ସମ୍ମମର ଗ୍ୟାଷ୍ଟ୍ରୋସର୍ଜରୀ ଓ ଲିଭର୍ ଟ୍ରାନ୍ସପ୍ଲାଂଟ ବିଭାଗର କନ୍‌ସଲ୍‌ଟାଂଟ ଡାକ୍ତର ଆଶୀର୍ବାଦ ପଣ୍ଡାଙ୍କ ନେତୃତ୍ୱରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିବା ବେଳେ ଓଡ଼ିଶାରେ ଉନ୍ନତ ଯକୃତ ଓ ପିତନଳୀ ସମ୍ବନ୍ଧୀୟ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଯକୃତର ଡାହାଣ ପାର୍ଶ୍ୱକୁ ବାହାର କରିବା ପ୍ରକ୍ରିୟାକୁ ରାଇଟ୍ ହେପାଟେକ୍ଟୋମି କୁହାଯାଏ। ଯକୃତରେ ଅତ୍ୟଧିକ ରକ୍ତସଂଚାଳନ ହେଉଥିବାରୁ ଏହି ଅସ୍ତ୍ରୋପଚାରକୁ ଅତ୍ୟନ୍ତ ଜଟିଳ ଓ ଆହ୍ୱାନପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହି କ୍ଷେତ୍ରରେ ଟ୍ୟୁମରର ବିଶାଳ ଆକାର ଯୋଗୁଁ ତାହା ଫାଟିଯିବା ଏବଂ ଅଧିକ ରକ୍ତସ୍ରାବ ହେବାର ଆଶଙ୍କା ମଧ୍ୟ ରହିଥିଲା। ଏହି ଜଟିଳତାକୁ ଏଡ଼ାଇବା ପାଇଁ ଡାକ୍ତର ପଣ୍ଡା ଏକ ସ୍ୱତନ୍ତ୍ର ଅସ୍ତ୍ରୋପଚାର ପଦ୍ଧତି 'ଆଂଟିରିୟ ଆପ୍ରୋଚ୍' ଅବଲମ୍ବନ କରିଥିଲେ। ବଡ଼ ଆକାରର ଯକୃତ ଟ୍ୟୁମର ବାହାର କରିବା କ୍ଷେତ୍ରରେ ଏହି ପଦ୍ଧତି ବିଶେଷ ଉପଯୋଗୀ। ପାରଂପରିକ ପଦ୍ଧତିରେ ପ୍ରଥମେ ଯକୃତକୁ ତାହାର ସ୍ୱାଭାବିକ ସ୍ଥିତିରୁ ଅଲଗା କରାଯାଉଥିବା ବେଳେ ଏହ ପଦ୍ଧତିରେ ଯକୃତକୁ ତାହାର ସ୍ୱାଭାବିକ ସ୍ଥିତିରେ ରଖି ଟ୍ୟୁମର ଥିବା ଅଂଶକୁ ରକ୍ତ ଯୋଗାଉଥିବା ପ୍ରମୁଖ ରକ୍ତବାହୀ ନଳୀଗୁଡ଼ିକୁ ନିୟନ୍ତ୍ରଣ କରାଯାଇଥାଏ। ଫଳରେ ଯକୃତର ଅନାବଶ୍ୟକ ଚଳନ ଓ ଟ୍ୟୁମର ଉପରେ ଚାପ କମିବା ସହ ରକ୍ତସ୍ରାବର ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।



ପୂର୍ବ ପ୍ରସ୍ତୁତି, ଅସ୍ତ୍ରୋପଚାରରେ ସୂକ୍ଷ୍ମତା ଏବଂ ଡାକ୍ତରୀ ଦଳର ସମନ୍ୱିତ ଉଦ୍ୟମ ଯୋଗୁଁ ୨୦ ସେ.ମି. ଆକାରର ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଥିଲା। ଏହି ସମୟରେ ରକ୍ତସ୍ରାବକୁ ସବନମ୍ନ ସ୍ତରରେ ରଖିବା ସହ ଯକୃତର ଅବଶିଷ୍ଟ ଅଂଶର କାର୍ଯ୍ୟକ୍ଷମତାକୁ ସୁରକ୍ଷିତ ରଖାଯାଇଥିଲା। ସମ୍ମମର ଚିଫ୍ ଆନେସ୍‌ଥେସିଓଲୋଜିଷ୍ଟ ଡାକ୍ତର ଭବାନୀ ଶଙ୍କର ପତି ଏବଂ ତାଙ୍କ ଟିମ୍‌ଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କୁ ନିଶ୍ଚେତକ ଦିଆଯାଇଥିଲା। ଦୀର୍ଘ ଓ ଜଟିଳ ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଏହି ଟିମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ସୁଧାର ଆସିଥିଲା ଏବଂ ସୁସ୍ଥ ଅବସ୍ଥାରେ ତାଙ୍କୁ ହସ୍ପିଟାଲରୁ ଛାଡ଼ କରାଯାଇଥିଲା। ଏହି ସଫଳତା ସଂପର୍କରେ ଡାକ୍ତର ପଣ୍ଡା କହିଛନ୍ତି, "ଏତେ ବଡ଼ ଆକାରର ଯକୃତ ଟ୍ୟୁମର ବାହାର କରିବା ଏକ ବଡ଼ ଆହ୍ୱାନ। ବିଶେଷକରି ଯକୃତର ପରିବର୍ତିତ ଗଠନ ଏବଂ ଅଧିକ ରକ୍ତସ୍ରାବର ଆଶଙ୍କା ଏହାକୁ ଆହୁର ଜଟିଳ କରିଥାଏ। ଆଂଟିରିୟ ଆପ୍ରୋଚ୍ ପଦ୍ଧତି ଆମକୁ ଅଧିକ ନିୟନ୍ତ୍ରଣ ଓ ସଠିକତାର ସହ ଅସ୍ତ୍ରୋପଚାର କରିବାରେ ସହାୟତା କରିଥିଲା।

ବିଆଇଆଇଟିଏମ୍‌ରେ ବାର୍ଷିକ ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,୨୬।୧୧ (ମହାଭାରତ): ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଛାତ୍ରଛାତ୍ରୀମାନେ ଯେତେ ପଢିବେ ସେତେ ଜ୍ଞାନ ଆହରଣ କରି ପାରିବେ। ଶ୍ରେଣୀ ଭିତ୍ତିକ ଶିକ୍ଷାରେ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ପୁସ୍ତକ ଅଧ୍ୟୟନ କରାଯାଇଥାଏ। ତେଣୁ ଜ୍ଞାନ ଆହରଣର ପରିସୀମା ସୀମ



চাঁদের পাহাড়ে ভাগ্য ফেরাতে ছুটছে চীন

॥ শুভাশিস বসাক ॥

চাঁদের দক্ষিণ মেরুতে অবতরণ করেছে ভারতের চন্দ্রযান-৩। এই অভিযানের সাফল্যে বিশ্বের নজর এখন চাঁদের দক্ষিণ মেরুর দিকে। এই অঞ্চলে রয়েছে বিপুল পরিমাণ জলের সন্ধান। এছাড়া চাঁদের দক্ষিণ মেরুতে রয়েছে বিপুল পরিমাণ খনিজ সম্পদ। এই সম্পদ আহরণের লক্ষ্যে চাঁদের দক্ষিণ মেরুতে অভিযান চালাতে চায় বিশ্বের বিভিন্ন দেশ। এই তালিকায় রয়েছে চীনও। চন্দ্রযান-৩ অবতরণের ঠিক ৪ দিন পর চাঁদের দক্ষিণ মেরুতে অবতরণ করেছে চীনের চন্দ্রযান-৬। চীনের মহাকাশ সংস্থা চায়না ন্যাশনাল স্পেস অ্যাডমিনিস্ট্রেশন (সিএনএসএ) জানিয়েছে, চন্দ্রযান-৬ চাঁদের দক্ষিণ মেরুর অ্যাপিয়ান বেসিন অঞ্চলে অবতরণ করেছে। এই অঞ্চলে চাঁদের সবচেয়ে বড় ও প্রাচীন গর্ত রয়েছে। চন্দ্রযান-৬ চাঁদের দক্ষিণ মেরুতে অবতরণ করে সেখানকার নমুনা সংগ্রহ করবে। এরপর সেই নমুনা নিয়ে পৃথিবীতে ফিরে আসবে। চীনের মহাকাশ সংস্থা চায়না ন্যাশনাল স্পেস অ্যাডমিনিস্ট্রেশন (সিএনএসএ) জানিয়েছে,



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶୁକ୍ରବାର, ୨୭ ନଭେମ୍ବର, ୨୦୨୬

ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବ୍ୟବସ୍ଥା କମ, ଅବ୍ୟବସ୍ଥା ବେଶି



ନିଆଳୀ, (ମହାଭାରତ): ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ବିଭିନ୍ନ ବ୍ଲକ ଏବଂ ସଦର ମହକୁମାରେ ଯୋଗ୍ୟ ହୀତାଧିକାରିମାନକୁ ଭତ୍ତା ବଣ୍ଟନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି କିନ୍ତୁ କଟକ ଜିଲ୍ଲା ନିଆଳୀ ବ୍ଲକ ରେ କିଛି ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ମୁତାବକ ନିଆଳୀ ବ୍ଲକ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ ପାଇଁ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ସାଂସଦ ବିଭୂପ୍ରସାଦ ତରାଇ ଓ ନିଆଳୀ ବିଧାୟକ ଛବି ମଲ୍ଲିକ ନିଆଳୀ ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ବିଡିଓ ଅକ୍ଷୟ କୁମାର ପରିଡା, ତହସିଲଦାର ତାରେଣୀ ରଞ୍ଜନ ରାୟ, ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି ଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ନିଆଳୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଏକାଧିକ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ଭତ୍ତା ବଣ୍ଟନ ରେ ସହଯୋଗ କରିଥିଲେ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରା। ଭତ୍ତା ବଣ୍ଟନ ସମୟରେ ନିଆଳୀ ବ୍ଲକର ବହୁ ଦଳୀୟ କର୍ମୀ ମଞ୍ଚ ସାମ୍ନାରେ ଚେୟାର ପକାଇ ବସିବା ଯୋଗୁଁ ଭତ୍ତା ବଣ୍ଟନ ପାଇଁ ଆସିଥିବା ବହୁ ବୃଦ୍ଧ,ବୃଦ୍ଧା, ଦିବ୍ୟାଙ୍ଗ ୪ ଶହ ରୁ ୫ଶହ ଟଙ୍କା ଖର୍ଚ୍ଚ କରି ୧୫ - ୨୦ କିଲୋମିଟର ଦୂରରୁ ଆସି ବସିବା ପାଇଁ ଚ୍ୟାର ଟିଏ ନପାଇ ପାଇଖାନା ଟାଙ୍କି ଉପରେ ହେଉ କିମ୍ବା ଭଙ୍ଗା କାନ୍ଥ ଉପରେ, ଆଉ କିଏ ତଳେ ବସିବା ଦେଖିବାକୁ ମିଳିଥିଲା। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସମ୍ପୂର୍ଣ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଶତାଧିକ କର୍ମୀ ମାନେ ବ୍ଲକ ପରିସର କୁ କାହିଁକି ଆସିଥିଲେ କିଏ ତାଙ୍କୁ ନିମନ୍ତ୍ରଣ କରିଥିଲା। ନା ବିନା ନିମନ୍ତ୍ରଣ ରେ ଆସିଥିଲା। ଏଥିପାଇଁ ଏହି କାର୍ଯ୍ୟକ୍ରମ ରେ ବ୍ଲକ ପ୍ରଶାସନ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ କରାଯାଇଥିଲା ତାହା ସମ୍ପୂର୍ଣ ଅବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। କେତେକ ବୃଦ୍ଧବୃଦ୍ଧା ଚେୟାର ନ ପାଇ ତଳେ ବସିଥିବା ନଜରକୁ ଆସିଥିଲା। ସେହିପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିବା ସୂଚନା ମିଳିଛି। ଖାଦ୍ୟ ବଣ୍ଟନ ସମୟରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଦଳୀୟ କର୍ମୀମାନେ ଖାଦ୍ୟ ଖାଇଦେବାରୁ ଅନେକ ବୃଦ୍ଧବୃଦ୍ଧା ଖାଦ୍ୟ ନ ଖାଇ ଫେରିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିଆଳୀ ବ୍ଲକର ୨୩ଟି ପଞ୍ଚାୟତର ୩୦୭୨ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି।କିଛି ହିତାଧିକାରୀ ଭତ୍ତା ନେଇଥିବା ବେଳେ ଅନେକ ହିତାଧିକାରୀ ଭତ୍ତା ନ ନେଇ ଫେରିଯାଇଛନ୍ତି। ପୁନର୍ବାର ଫେରିଯାଇଥିବା ହିତାଧିକାରୀ ମାନେ ଭତ୍ତା ନେବାପାଇଁ ଗୁରୁବାର ଦିନ ବ୍ଲକ କାର୍ଯ୍ୟାଳୟ କୁ ଆସିବେ ବୋଲି ବିଡ଼ିଓ ଅକ୍ଷୟ କୁମାର ପରିଡା ସୂଚନା ଦେଇଛନ୍ତି। ଗାଡି ଭତ୍ତା ଆମର ଦୁଇଦିନ ରେ ଯେତିକି ଭତ୍ତା ଆମର ସେତିକି ବୋଲି କେତେକ ହିତାଧିକାରୀ କହିଛନ୍ତି। ବହୁ ପ୍ରଭାବଶାଳୀ ବ୍ୟକ୍ତି ଭତ୍ତା ନେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରା ଙ୍କୁ ପଚାରିବାରୁ ଚଞ୍ଚକତା କରି ନେଇଥିବା କେତେଜଣ ହିତାଧିକାରୀ ଙ୍କ ଭତ୍ତା କଟା ହୋଇଛି ଓ ଅନ୍ୟମାନଙ୍କର କଟାଯିବ ବୋଲି ସୂଚନା ଦେଇଛନ୍ତି।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଛଅ ଗୋଟି ସରକାରୀ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଟେଷ୍ଟ ପେପର ପ୍ରଦାନ



ପାରାଦୀପ, (ମହାଭାରତ): ଜେଏସଡବ୍ଲ୍ୟୁ ଷ୍ଟିଲ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ସାମାଜିକ ବିକାଶ ଓ ଶିକ୍ଷାର ପ୍ରସାର ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ସହିତ ଏରସାମା ବ୍ଲକ୍ ଓ ପାରାଦୀପ ସହରାଂଚଳର ୬ ଗୋଟି ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ମାଗଣାରେ ଟେଷ୍ଟ ପେପର ପ୍ରଦାନ କରାଯଇଛି । ଗୁରୁବାର ଦିନ ଢିଙ୍କିଆସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ସଭାପତି ଅନିଲ କୁମାର ସହିହଙ୍କ ନେତୃତ୍ୱରେ ଆଖପାଖ ଅଂଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଆବଶ୍ୟକ ଶିକ୍ଷା ସାମଗ୍ରୀ ଯୋଗାଇବା ସହ ସେମାନଙ୍କ ଶିକ୍ଷାଗତ ଦକ୍ଷତା ଓ ଫଳାଫଳରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମାଂଚଳର ତିନିଗୋଟି ଗ୍ରାମ ପଂଚାୟତର ନୂଆଗାଁସ୍ଥିତ କେ.ବି. ନୋଡାଲ୍ ହାଇସ୍କୁଲ, ଢିଙ୍କିଆସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠ ଓ ଗଡକୁଜଙ୍ଗସ୍ଥିତ ଅପଗ୍ରେଡ୍ ହାଇସ୍କୁଲ ସମେତ ପାରାଦୀପ ସହରାଂଚଳର ସଂଜୟ ଗାନ୍ଧୀ ହାଇସ୍କୁଲ, ଏନଏସି ହାଇସ୍କୁଲ ଏବଂ ଏନସଏସି ବାଳିକା ହାଇସ୍କୁଲକୁ ଏହି ଯେଜନାରେ ସାମିଲ କରାଯାଇଛି । ଆସନ୍ତା ୨୦୨୭ ମାର୍ଚ୍ଚ ମାସରେ ବାର୍ଷିକ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ । ସେଥି ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତି ହେବା ପାଇଁ ଏହି ଟେଷ୍ଟ ପେପରର ଆବଶ୍ୟକତା ଥିଲା । ଏହାକୁ ଯୋଗାଇ ଦେବାକୁ ଅଭିଭାବକମାନେ ଅନୁରୋଧ କରିଥିଲେ । ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଉପସଭାପତି ମନୋଜ କୁମାର ସିଂହ, ଆସୋସିଏଟ୍ ଉପସଭାପତି ମିତ୍ରଭାନୁ ଚୌଧୁରୀ, ଜେଉସଡବ୍ଲ୍ୟୁ ଫାଉଣ୍ଡେସନ୍ ପାରାଦୀପ ସିଏସଆର ମୁଖ୍ୟ ଅଭିଜିତ୍ ମହାନ୍ତିଙ୍କ ସମେତ ତିନିଗୋଟି ପଂଚାୟତର ଜନ ପ୍ରତିନିଧି, ସମାଜସେବୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଢିଙ୍କିଆଠାରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛଅତ୍ରୀମାନଙ୍କ ପାଇଁ ମାଗନା କୋଚିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ମିଳିଛି ।

ଜାତୀୟ ଅନୁସୂଚିତ ଜାତି କମିଶନ ସଦସ୍ୟଙ୍କ ପାରାଦୀପ ବନ୍ଦର ଗସ୍ତ



ପାରାଦୀପ, (ମହାଭାରତ): ଗୁରୁବାର ଦିନ ଭାରତ ସରକାରଙ୍କ ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ସଦସ୍ୟ ଜାତୋଥୁ ହୁସେନ ପାରାଦୀପ ଗସ୍ତରେ ଆସିଥିଲେ । ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳଙ୍କ ସମେତ ସମେତ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପାରାଦୀପ ବନ୍ଦରର ଭିତିଭୂମି ସମ୍ପ୍ରସାରଣ, ବନ୍ଦର ପରିଚାଳନା ଆଦି ସମ୍ପର୍କର ଏହି ବୈଠକରେ ଆଲୋଚନା କରାଯାଇଥିଲା । ବନ୍ଦରରେ ମାନବ ସମ୍ବଳର ବିନିଯୋଗ, ପାରାଦୀପ ବନ୍ଦରରେ ନିଯୋଜିତ ଅନୁସୂଚିତ ଜନଜାତି କର୍ମଚାରୀମାନଙ୍କ ସମ୍ପର୍କର ସମୀକ୍ଷା କରାଯାଇଥିଲା । ପାରାଦୀପ ବନ୍ଦର ଏସସି ଆଣ୍ଡ ଏସଟି କର୍ମଚାରୀ କଲ୍ୟାଣ ସଂଘର ସଦସ୍ୟମାନେ ମାନ୍ୟବର ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ସଦସ୍ୟଙ୍କ ଭେଟି ଆଲୋଚନା କରିଥିଲେ । ସଂଘର ସଦସ୍ୟମାନେ ଏସସି ଆଣ୍ଡ ଏସଟି କର୍ମଚାରୀମାନେ ସଂଘର ସଦସ୍ୟମାନଙ୍କ ଉନ୍ନତି ସମ୍ପର୍କର ବିଭିନ୍ନ ଆଲୋଚନା କରିଥିଲେ ।ଏହି ଗସ୍ତ ସମୟରେ ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ସଦସ୍ୟ ଜାତୋଥୁ ହୁସେନ ପାରାଦୀପ ବନ୍ଦର ପୋତାଶ୍ରୟ ପରିଦର୍ଶନ କରି ଜାହାଜ ଚଳାଚଳ ସମ୍ପର୍କର ତଥ୍ୟ ସଂଗ୍ରହ କରିଥିଲେ ।

ଲାଞ୍ଚ ମାମଲାରେ ପୂର୍ବତନ ସମବାୟ ସମିତି ସମ୍ପାଦକ ଦୋଷୀ ସାବ୍ୟସ୍ତ

ପରଜଙ୍ଗ -(ମହାଭାରତ)ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପରଜଙ୍ଗ ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ବ୍ରହ୍ମାନନ୍ଦ ନାୟକ। ଏହି ମାମଲାରେ ଢେଙ୍କାନାଳ ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଏକ ବର୍ଷର କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ।

ସୂଚନା ଅନୁଯାୟୀ, ବ୍ରହ୍ମାନନ୍ଦ ନାୟକ ପରଜଙ୍ଗ ସେବା ସମବାୟ ସମିତିରେ ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ସମୟରେ ଜଣେ ଅଭିଯୋଗକାରୀଙ୍କଠାରୁ ଚାଷୀମାନଙ୍କ ପାଇଁ ଭେଣ୍ଡର କାର୍ଡ ଓ ଚେକ୍ ଜାରି କରିବା ବଦଳରେ ଲାଞ୍ଚ ଦାବି କରିବା ଏବଂ ଗ୍ରହଣ କରିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ଡି)/୭ ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ ହୋଇଥିଲା।ଶେଷରେ ୨୬ ନଭେମ୍ବର ୨୦୨୬ ତାରିଖରେ ଢେଙ୍କାନାଳ ଭିଜିଲାନ୍ସର ମାନ୍ୟବର ସ୍ୱତନ୍ତ୍ର ବିଚାରପତି ଏହି ମାମଲାର ବିଚାର କରି ବ୍ରହ୍ମାନନ୍ଦ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷର କଠୋର କାରାଦଣ୍ଡ ଓ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ, ଦୋଷୀ ସାବ୍ୟସ୍ତ ହେବା ପରେ ଅବସରପ୍ରାପ୍ତ ବ୍ରହ୍ମାନନ୍ଦ ନାୟକଙ୍କ ପେନସନ୍ ବନ୍ଦ କରିବା ପାଇଁ ସମ୍ପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଦକ୍ଷେପ ନେବ ଓଡ଼ିଶା ଭିଜିଲାନ୍ସ ।

ପାରାଦୀପ ବନ୍ଦର ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯଅଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ଉପସଂରକ୍ଷକ କ୍ୟପ୍ଟେନ୍ ଅଲେଖ ଚରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ସମ୍ବିଧାନ ପାଠ କରିଥିଲେ । ଭାରତୀୟ ସମ୍ବିଧାନ ପ୍ରତ୍ୟେକ ଭାରତୀୟଙ୍କ ସାମ୍ବିଧାନିକ ଭୂମିକା, ଗଣତନ୍ତ୍ରକୁ ସୁଦୃଢ କରିପାରେ ନାଗରିକମାନଙ୍କ ଦାୟିତ୍ୱ ରହିଛି । ଗଣତନ୍ତ୍ରର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକମାନଙ୍କ କର୍ତବ୍ୟ । ଦେଶର ଏକତା, ଅଖଣ୍ଡତା ରକ୍ଷା କରିବା ପାଇଁ ସମସ୍ତେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଉପସ୍ଥିତ ଅଧିକାରୀମାନେ ସମ୍ବିଧାନର ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ ।

ସାମ୍ବାଦିକ ସମ୍ମିଳନୀରେ ଧୂଷୁରୀ–ହସନାବାଦ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ। ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି



ଧାମନଗର ୨୬/୧୧/୨୦୨୬(ମହାଭାରତ) ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ–ହସନାବାଦ ଭାୟା ପଙ୍ଗଟା ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରି ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି ଉଠାଇଛନ୍ତି ସ୍ଥାନୀୟ ଧୂଷୁରୀ–ହସନାବାଦ ଅଞ୍ଚଳବାସୀ। ଏହି ଘଟଣାକୁ ନେଇ ଧୁଷୁରୀ ହୃଦାନନ୍ଦ ପାଠାଗାର ପରିସରରେ ଗୁରୁବାର ସନ୍ଧ୍ୟା ୫ ଘଟିକା ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଧୁଷୁରୀ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ,ସାମ୍ୟବାଦୀ ସିପିଏମ ନେତା ଚନ୍ଦ୍ରଶେଖର ନାୟକ,ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ,ଧୂଷୁରୀ ସେବା ସମବାୟ ସମିତିର ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ହସନାବାଦ ପଞ୍ଚାୟତ ବିଜେଡି ସଭାପତି ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଉମେଶ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଯୁଧିଷ୍ଠିର ମହାପାତ୍ର, ସନ୍ତୋଷ ରାୟ ଓ ବିଜୟ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ,ଧୁଷୁରୀଠାରୁ ହସନାବାଦ ଭାୟା ପଙ୍ଗଟା ରାସ୍ତା ନିର୍ମାଣ ପାଇଁ ଆର୍?ଡି ବିଭାଗ ପକ୍ଷରୁ ପ୍ରାୟ ୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ କାର୍ଯ୍ୟ ଶେଷ ହେବାର ମାତ୍ର ୪ମାସ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ରାସ୍ତାର ଉଭୟ ପାର୍ଶ୍ୱ ଦବିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏପରିକି ରାସ୍ତା ଓ ବ୍ରିଜ୍?ର ଆପ୍ରୋଚ୍? ରୋଡ୍?ର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି । ଅଭିଯୋଗ ଅନୁସାରେ, ରାସ୍ତାର ଉଭୟ ପାର୍ଶ୍ୱ ପୋତିବା ପାଇଁ ଏଷ୍ଟିମେଟ୍?ରେ ବାଲି ବ୍ୟବହାର କରିବାର ବ୍ୟବସ୍ଥା ଥିବାବେଳେ ଏହା ବଦଳରେ ମାଟି ପକାଯାଇ କାର୍ଯ୍ୟ କରାଯାଇଛି। ଫଳରେ ଭାରୀଯାନ ଯାତାୟାତ ସମୟରେ ରାସ୍ତାର ବିଭିନ୍ନ ସ୍ଥାନ ଦବିବା ସହ ଫାଟ ସୃଷ୍ଟି ହୋଇଛି। ସେହିପରି ଢଳେଇ କାର୍ଯ୍ୟରେ ମଧ୍ୟ ଆବଶ୍ୟକୀୟ ଗୁଣବତ୍ତା ରକ୍ଷା କରାଯାଇନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଞ୍ଚଳବାସୀ କହିଛନ୍ତି। ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ବୁଝାମଣା ଯୋଗୁଁ ନିମ୍ନମାନର କାର୍ଯ୍ୟ ସତ୍ତ୍ୱେ ବିଲ୍? ପାସ୍? ହୋଇଥିବା ସେମାନେ ଅଭିଯୋଗ କରିବା ସହିତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଭାଗୀୟ ତଦନ୍ତ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅଞ୍ଚଳବାସୀ ଚାରି ଦଫା ଦାବି ଉପସ୍ଥାପନ କରିଛନ୍ତି ।ତେଣୁ ତୁରନ୍ତ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ସହ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ନୂଆପଡାରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ନୂଆପଡ଼ା(ମହାଭାରତ): ନୂଆପଡ଼ା ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଗଣେଶ୍ୱର କହ୍ନରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରେମଲତା ସେଠୀ, ସହକାରୀ ଶ୍ରମ ଅଧିକାରୀ ମୁରଲୀଧର ପାକଳ, ଶିଶୁ ମଙ୍ଗଳ ସମିତିର ଅଧକ୍ଷା ବବିତା ମିଶ୍ର, ସୁରକ୍ଷା ଅଧିକାରୀ ମଞ୍ଜୁ ଶୁକ୍ଲା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍? ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର କର୍ମଚାରୀମାନେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସୁରକ୍ଷା, ସ୍ୱାଭିମାନ ଓ ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କନ୍ୟା ସନ୍ତାନମାନେ ସମାଜର ଏକ ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କୁ ସମାନ ସୁଯୋଗ, ଉପଯୁକ୍ତ ଶିକ୍ଷା ଓ ନିରାପଦ ପରିବେଶ ଯୋଗାଇଦେବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ବାଳିକାମାନେ ଆତ୍ମବିଶ୍ୱାସର ସହ ନିଜ ଲକ୍ଷ୍ୟ ସ୍ଥିର କରି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ। କନ୍ୟା ସନ୍ତାନମାନଙ୍କ ଅଧିକାର, ଶିକ୍ଷା, ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



କଳାହାଣ୍ଡି ଜିଲ୍ଲାର ୨୭ ତମ ସାରସ୍ୱତ ଜିଲ୍ଲା ଭକ୍ତ ସମ୍ମିଳନୀ ଦ୍ୱିତୀୟରେ

ଗଜପତି(ମହାଭାରତ): ପରିବ୍ରାଜକାଚାର୍ଯ୍ୟ ଶ୍ରୀ ଶ୍ରୀ ୧୦୮ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସପ୍ତବିଧାନୋକ୍ତ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ୨୭ତମ ସାରସ୍ୱତ ଜିଲ୍ଲା ଭକ୍ତ ସମ୍ମିଳନୀ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଆଜି ପ୍ରାତଃ ୫.୩୦ ରେ ପ୍ରଭାତୀ କୀର୍ତ୍ତନ,ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ନିରାଜନା, ମଙ୍ଗଳ ଆଳତୀ ,ସ୍ତବ, ସ୍ତୋତ୍ରବନ୍ଦନା, ଶ୍ରୀମଦ ଭଗବତ ଗୀତା,ସପ୍ତ ସତୀଚଣ୍ଡୀ ପାଠ ଓ ଜୟଗୁରୁ ମହାନାମ ଗାନ କରି ପରଦା ପତନ କରାଯାଏ । ପ୍ରାତଃ ଅଧିବେଶନ ସମାପ୍ତ ପରେ ଭବବନ୍ଧନ ମୋଚନ ପୂଜ୍ୟ ଗୁଣ ହୀନ ମୋ ଶେଷ ଗୁଣାଧିକତାମ ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ସମାପ୍ତ ହୋଇଥିଲା ।ସନ୍ଧ୍ୟା ସମୟରେ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି ସରସ୍ୱତ ଭକ୍ତ ସମ୍ମିଳନୀ ରାୟଗଡ଼ାର ରାମକୃଷ୍ଣ ନଗର ସ୍ଥିତ ନିଗମାନନ୍ଦ ସାରସ୍ୱତ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।ଏହି ସମ୍ମିଳନୀରେ ଆସାମ-ବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖର ପୂଜ୍ୟପାଦ ମହନ୍ତ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ସାରସ୍ୱତ ଜଗତର ଅନେକ ପ୍ରବୀଣ ସାଧୁସନ୍ଥ,ତତ୍ତ୍ୱବଧ।ୟିକା ସମିତିର ସମ୍ପାଦକ, ବିଭିନ୍ନ ବିଭାଗର ବିଭାଗୀୟ ସଦସ୍ୟ, ଜିଲ୍ଲା ସଦସ୍ୟଙ୍କ ସମେତ ଭକ୍ତମାନେ ଉପସ୍ଥିତ ରହି ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଜଗଦ୍ଧିତକର କାର୍ଯ୍ୟରେ ସହାୟତା ହେବା ସହ ଠାକୁର ଙ୍କର ଆଶିଷ ନେଇଛନ୍ତି । ଗଜପତି ରୁ ବିବେକାନନ୍ଦ ବେହେରା

ଥାନା ଅଦାଲତ ଓ ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଘଝଯ) ଆନୁକୂଲ୍ୟରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭାରତୀୟ ସମ୍ବିଧାନର ମହତ୍ତ୍ୱ,ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ରାଜନୀତି ବିଭାଗାଧ୍ୟକ୍ଷ ଅବନୀକାନ୍ତ ପାତ୍ର, ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଭାରତୀୟ ସମ୍ବିଧାନର ପ୍ରଣେତା ଡ.ବି.ଆ.ଁଆମ୍ବେଦକରଙ୍କ ଅବଦାନ ସ୍ମରଣ କରିବା ସହିତ ଗଣତନ୍ତ୍ର,ଧର୍ମନିରପେକ୍ଷତା,ସାମାଜିକ ନ୍ୟାୟ,ସମାନତା ଓ ଭ୍ରାତୃତ୍ୱର ଆଦର୍ଶକୁ ଜୀବନରେ ଅନୁସରଣ କରିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଉପସ୍ଥିତ ଅଧ୍ୟାପକ,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠକରି ସମ୍ବିଧାନର ମୂଲ୍ୟବୋଧ ଓ ଆଦର୍ଶକୁ ସମ୍ମାନ ଜଣାଇବାସହ ଏକ ସୁଦୃଢ଼, ସମୃଦ୍ଧ ଓ ଦାୟିତ୍ୱବାନ ରାଷ୍ଟ୍ର ଗଠନରେ ନିଜର ଯୋଗଦାନ ଦେବାକୁ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ସୁଶ୍ରୀ ମନସ୍ୱିନୀ ପୃଷ୍ଟିଙ୍କ ଦ୍ୱାରା ସମୂହ ଶପଥପାଠ କରାଯାଇଥିଲା ।କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସାସ୍କୃତିକ ସମ୍ପାଦକ ତୃପ୍ତୀମୟୀ ସାହୁ ଏବଂ କ୍ରିଡା ସମ୍ପାଦକ ଅଲେଖ ପ୍ରଧାନ ଯୋଗଦେଇ ସମାବେଶକୁ ସୁସଂଗଠିତ କରିଥିଲେ ।ଜାତୀୟ ସେବା ଯୋଜନା ଅଧିକାରୀ ବିଜୟାନନ୍ଦ ଶତପଥୀ ସମସ୍ତ ସହଯୋଗୀ ଓ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣକରିଥିଲେ ।ଅନୁରୂପ ଭାବେ ଓଡ଼ଗାଁ ଅବାଲତରେ ତାଲୁକା ଆଇନସେବା ପ୍ରାଧୁକରଣ କମିଟି ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ବାର୍ ଆସେସିଏସନରେ ପାଳିତ ହୋଇଥିଲା ।ସେହିପରି ଓଡ଼ଗାଁ ଆଦର୍ଶ ଥାନାରେ ଆଇଆଇସି ସତ୍ୟନାରାୟଣ ବାରିକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳନ ଅବସରରେ ଶପଥପାଠ କରାଯାଇଥିବା ବେଳେ ସ୍ଥାନୀୟ ପିମିଟ୍ କଲେଜରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଥିବା ଜଣାପଡ଼ିଛି ।

ଅଷ୍ଟଶମ୍ଭୁ ବିଦ୍ୟାନିକେତନରେ ୧୩୦ ଛାତ୍ରଛାତ୍ରୀଙ୍କ ଯୋଗଦାନ

ପରଜଙ୍ଗ-(ମହାଭାରତ)ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଅଷ୍ଟଶମ୍ଭୁ ବିଦ୍ୟାନିକେତନ, କୁଆଳୋ ଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ୨୦୨୬-୨୦୨୭ ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ ସଭାପତିତ୍ୱ କରିଥିବାବେଳେ ବ୍ଲକ ଅଧକ୍ଷା ଶ୍ରୀମତୀ ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଡିଓ ସୌଭାଗ୍ୟ ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ସାହୁ ଯୋଗ ଦେଇଥିଲେ ।ସେହିପରି ମଞ୍ଚାସୀନ ଅତିଥି ଭାବେ କୁଆଳୋ ସରପଞ୍ଚ ଅଜିତ କୁମାର ସାହୁ, ଉମାକାନ୍ତ ନନ୍ଦ, ମହେଶ ଚନ୍ଦ୍ର ନାୟକ, ପ୍ରତିଭା ବିଶ୍ୱାଳ, ଶୁଭେନ୍ଦୁ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଏବଂ କୁଆଳ କଲେଜର ଅତିରିକ୍ତ ଅଧ୍ୟାପକ ନିଗମାନନ୍ଦ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଦୁଷ୍ମନ୍ତ ସାହୁ ପରିଚାଳନା କରିଥିଲେ । ଏହି ମେଳାରେ ବ୍ଲକର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଅତିଥିବୃନ୍ଦ ମଧ୍ୟ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଅନୁସନ୍ଧାନମୂଳକ ଚିନ୍ତାଧାରା ଓ ସୃଜନଶୀଳତାର ବିକାଶ ଦିଗରେ ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଥିଲା ।

ଜାତୀୟ ସେବା ଯୋଜନା ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ନୂଆପଡା(ମହାଭାରତ) ଖଡ଼ିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକ ୟାମିନ ମହମ୍ମଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଏନଏସଏସ ଜିଲା ଅଧିକାରୀ ଅଧ୍ୟାପିକା ପ୍ରଣତୀ ପଣ୍ଡା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ରୁପବନ୍ତ ଭୋଇ ଓ ଜୀତେନ୍ଦ୍ର କଳସାଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଭାରତୀୟ ସମ୍ବିଧାନର ମହତ୍ତ୍ୱ, ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ, ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସମ୍ବିଧାନ ପ୍ରତି ସମ୍ମାନ ରକ୍ଷା କରିବାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ଏହି ଦିବସ ଅବସରରେ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବିଧାନର ଆଦର୍ଶ ଓ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବା ସହ ଦେଶର ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିଉଠିବାକୁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଯୁକ୍ତ ଦୁଇ ଏନଏସଏସ ଅଧିକାରୀ ଜିତେନ୍ଦ୍ର କଳସାଏ ଓ ଅଧ୍ୟାପକ ବିବେକ ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ମନିଶ୍ରୀ ବାଗ, ପୁରୁଷୋତ୍ତମ ରଣା, ଜଗପତି ମହାନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଚାଷୀ କମିଟି ଗଠିତ



ଜୁନାଗଡ଼ (ମହାଭାରତ)କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ଡ଼ା ବିଶ୍ୱନାଥ କର ଙ୍କ ଆହ୍ୱାନ କ୍ରମେ ଗାଁ କୁ ଚାଲ ଅଭିଯାନ ଦ୍ୱାରା ଜୁନାଗଡ ବ୍ଲକ୍ ସ୍ଥିତ ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଦାଶିଗାଁ ଗ୍ରାମ ପଂଚାୟତର ଚାଷୀ କମିଟି ଗଠନ ହୋଇ ଯାଇଛି । ଉକ୍ତ ବୈଠକରେ ଦାଶିଗାଁ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଭାଇ ଭଉଣୀଙ୍କ ଉପସ୍ଥିତରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ ବରିଷ୍ଠ ଚାଷୀ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ୍ ସଭାପତିତ୍ୱ କରିଥିଲେ ଓ କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ତଥା ବରିଷ୍ଠ ସମାଜସେବୀ ଡ଼ା. ବିଶ୍ୱନାଥ କର ସଭା ପରିଚାଳନା କରି ସଂଗଠନକୁ ଗ୍ରାମାଭିମୁଖୀ ଓ ସଶକ୍ତୀ କରଣ ଉପରେ ଗୁରୁତ୍ୱ ଦେଇ ସମଗ୍ର ଜିଲ୍ଲାରେ ଗ୍ରାମ୍ୟ ଚାଷୀ କମିଟି, ପଂଚାୟତ ସ୍ତରୀୟ ଚାଷୀ କମିଟି ଓ ବ୍ଲକ୍ ସ୍ତରୀୟ ଚାଷୀ ଗମିଟି ଗଠନ ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା କଲା ପରେ ଅଦ୍ୟ ସଭାରେ ସମସ୍ତ ଚାଷୀଙ୍କ ସହମତି ରେ ଏହି ପଂଚାୟତର ଚାଷୀ କମିଟି ଗଠନ ହୋଇଥିଲା । ସଭାପତି ରୂପେ ପୂର୍ବତନ ସରପଞ୍ଚ ଶ୍ରୀନିବାସ ସାହୁ, ସମ୍ପାଦକ ରୂପେ ରବି ବେମାଲ ଓ ଉପସଭାପତି ରୂପେ ପ୍ରମୋଦ କୁମାର ବେହେରା ସର୍ବ ସମ୍ମତି ରୂପେ ଚୟନ ହୋଇ ସମସ୍ତ ନେତୃ ମଣ୍ଡଳୀଙ୍କ ଗହଣରେ ଶପଥ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଚାଷୀ ସଂଗଠନ କୁ ଗ୍ରାମାଭିମୁଖୀ କରି ଚାଷୀଙ୍କ ହକ୍ ଓ ଅଧିକାରକୁ ବଜାୟ ରଖିବାକୁ ଉପସ୍ଥିତ ଚାଷୀମାନେ ବକ୍ତବ୍ୟରେ ପ୍ରକାଶ କରି ମଣ୍ଡିରେ ଧାନ ବିକିବା ପାଇଁ ସରକାରଙ୍କ ଏଗ୍ରୀଷ୍କିକ ନିୟମକୁ ବିରୋଧ, ରାସାୟନିକ ସାର ଓ କୀଟନାଶକ ଔଷଧର ଆଶାତୀତ ଦର ବୃଦ୍ଧିକୁ ବିରୋଧ, ଧାନ କିଣା ରେ ଦଲାଲି ରୋକିବା, କଟନି ଛଟନି ବନ୍ଦ୍ କରିବା, ବସ୍ତା ବାବଦରେ ଏକ କେଜି ଧାନରୁ ଅଧିକ ଧାନ ଦଲାଲ ମାନେ ଚାଷୀଙ୍କ ଠୁ ନେବା ବନ୍ଦ୍ କରିବା ଓ ନିର୍ଦ୍ଧିଷ୍ଟ ସମୟରେ ସମସ୍ତ ଚାଷୀଙ୍କ ଧାନକୁ ତୁରନ୍ତ କିଣି ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତା ରେ ପଇସା ଜମା କରିବାକୁ ଉପସ୍ଥିତ ସମସ୍ତ ଚାଷୀ ବୃନ୍ଦ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଦାମୋଦର ବେହେରା, ଗୌର ବାଗ, ଗୋପୀନାଥ ନାଏକ, ଚନ୍ଦ୍ର ବାଗ, ରାଜାରାମ ଡଙ୍ଗରି, ସୁନାସିର ବେମାଲ, ଭାସ୍କର ବେମାଲ, ଦଶରଥ ହାତୀ, ଡ୍ରାଇଭର କୁମାର, ବାରୁ ସୁନାନୀ, ବଂଶୀଧର ଦୁର୍ଗା, ପବିତ୍ର ଦୁର୍ଗା, କିଶୋର ମାଝୀ, ଯୁବରାଜ ବାଗ, ସଦାଶିବ ପ୍ରଧାନୀ, କ୍ଷେତ୍ର ମାଝୀ, ଶ୍ରୀଧର ନିଆଲ, ପରମେଶ୍ୱର ନାଏକ, ମଙ୍ଗନିଆ ଭାଟି, ପରମାନନ୍ଦ ପ୍ରଧାନୀ ଓ କୃଷ୍ଣ ଭାଟି ପ୍ରମୁଖ ଚାଷୀନେତା ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ଶ୍ରୀନିବାସ ସାହୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।

ସମ୍ବିଧାନ ଦିବସ ଅବସରରେ 'ବିକଶିତ ଭାରତ ଯୁବ ସଂବାଦ' କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ସମ୍ବିଧାନ ଦିବସ ଅବସରରେ ମେରା ଯୁବା ଭାରତ ଗଜପତି ପକ୍ଷରୁ ରାୟଗଡ଼ା ବ୍ଲକ୍ର ସେବକପୁରସ୍ଥିତ ପଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'ବିକଶିତ ଭାରତ ଯୁବ ସଂବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଶଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଡାକ୍ତର ତୁଫାନ ନାୟକ (ଗଈଇଝ, ମେଡିକାଲ ଅଫିସର), ଶ୍ରୀମତୀ ରଶ୍ମିତା କୁମାରୀ ପାତ୍ର (ଉରଗଙ, ଶିକ୍ଷା) ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ । ଏଥିସହ ଯୁବ ଆଇକନ୍ ଶ୍ରୀ ବରେଣ୍ୟ ରଇତା ମଧ୍ୟ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ଦୀପ ପ୍ରଜ୍ୱଳନ ଓ ଅତିଥିମାନଙ୍କୁ ସ୍ୱାଗତ ସହିତ କରାଯାଇଥିଲା । ପରେ ମାଇ ଭାରତ କର୍ମଚାରୀ ଶ୍ରୀ ଭି. ଭବାନୀ ପ୍ରସାଦଙ୍କ ଦ୍ୱାରା ଅତିଥି ଓ ଯୁବ ଆଇକନ୍ ?ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ ନିଜ ବକ୍ତବ୍ୟରେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ଯୁବପିଢ଼ିଙ୍କ ଦାୟିତ୍ୱ ଏବଂ ଏକ ବିକଶିତ ଭାରତ ଗଠନରେ ଯୁବସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହାପରେ ଯୁବ ଆଇକନ୍ ଶ୍ରୀ ବରେଣ୍ୟ ରଇତା 'ବିକଶିତ ଭାରତ ଅ ୨୦୪୭' ଏବଂ 'ନିଶାମୁକ୍ତ ଯୁବପିଢ଼ି' ବିଷୟବସ୍ତୁ ଉପରେ ଏକ ସଚେତନତାମୂଳକ ଉପସ୍ଥାପନା ଦେଇଥିଲେ । ଏଥିସହ ନିଶାଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ଶେଷରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଭାରତୀୟ ସମ୍ବିଧାନର ପ୍ରସ୍ତାବନା (ଚଵରବଞ୍ଚଭଖର) ମିଳିତ ଭାବେ ପାଠ କରି ସମ୍ବିଧାନର ମୂଳ ଆଦର୍ଶ ଓ ମୂଲ୍ୟବୋଧକୁ ସମ୍ମାନ ଜଣାଇଥିଲେ । ମାଇ ଭାରତ କର୍ମଚାରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା । ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କିଶୋର ଭେମୁଲୱାଡାଙ୍କ ନିର୍ଦ୍ଦେଶନାରେ ମାଇ ଭାରତ, ଗଜପତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀ ଏ. ମହେଶ୍ୱର ରାଓ ଓ ଶ୍ରୀ ଭି. ଭବାନୀ ପ୍ରସାଦ ସହଯୋଗ କରିଥିଲେ ।

ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ୍‌ରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା



ବାରଙ୍ଗ(ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ୮ ପଞ୍ଚାୟତରେ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛି ବିଜୁ ଜନତା ଦଳ । ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ବ୍ଲକ ସଭାପତି ଗଗନ ବିହାରୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଓ ସଭାରେ ହଜାରରୁ ଉର୍ଦ୍ଧ ଦଳୀୟ କର୍ମୀ ଓ ସମର୍ଥକଙ୍କ ସମାଗମ ଦେଖିବାକୁ ମିଳିଥିଲା । ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀଙ୍କ ଉତ୍ସାହ ଆଗାମୀ ଦିନରେ ସଂଗଠନକୁ ଅଧିକ ସୁଦୃଢ଼ କରିବାର ବାର୍ତ୍ତା ଦେଇଥିଲା । ନଗରୀ ଗ୍ରାମ ପଞ୍ଚାୟତର ମହୀଧରପଡ଼ା ଛକରୁ ଏହି ପଦଯାତ୍ରା ଆରମ୍ଭ ହୋଇ ହରିଅନ୍ତା ପଞ୍ଚାୟତରେ ଶେଷ ହୋଇଥିଲା । ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ପୂର୍ବତନ ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ । ପଦଯାତ୍ରା ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଆଳୀ ର ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ରାଜ୍ୟର ବିଜେପି ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ । ଶାସନର ବିଭିନ୍ନ କ୍ଷେତ୍ରରେ ସରକାର ବିଫଳ ହୋଇଥିବା ଅଭିଯୋଗ କରିବା ସହ ଜନସାଧାରଣଙ୍କ ସମସ୍ୟା ଓ ଆଶାଆକାଂକ୍ଷା ପୂରଣରେ ସରକାରଙ୍କ ଉଦାସୀନତା ନେଇ ସେ ପ୍ରଶ୍ନ ଉଠାଇଥିଲେ । ଅନ୍ୟ ଦଳରୁ ବିଜେଡିରେ ଯୋଗଦାନ ଦଳ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧିର ସଙ୍କେତ ବୋଲି ଦଳୀୟ ନେତାମାନେ ମତ ପ୍ରକାଶ କରିଥିଲେ । ସଭାରେ ହରିଅନ୍ତା ପଞ୍ଚାୟତ ସରପଞ୍ଚ ପଦ୍ମିନୀ ପ୍ରଧାନ, କୁରାଙ୍ଗ ଶାସନ ସରପଞ୍ଚ ରୋହିଣୀ ଭୋଇ, ନଗରୀ ସରପଞ୍ଚ ନରତୋମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ବୈକୁଣ୍ଠ ବେହେରା, ବ୍ଲକ ଯୁବ ସଭାପତି ଶୋଭନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସମୀର ସାମନ୍ତରାୟ, ବରିଷ୍ଠ ସଂଗଠକ କେଦାରନାଥ ଜେନା, ବିପ୍ର ଚରଣ ପ୍ରଧାନ, ବିଶ୍ୱରଞ୍ଜନ ଦାସ, ଶେଷଦେବ ପାତ୍ର, ସମରେନ୍ଦ୍ର ହାତୀ ଓ ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ପଦଯାତ୍ରାର ସଫଳ ଆୟୋଜନରେ ତପନ ପାତ୍ର, ସତ୍ୟବ୍ରତ ଜେନା, ବିଶ୍ୱରଞ୍ଜନ ସାହୁ, ଘନଶ୍ୟାମ ପାତ୍ର, ରାକେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ନଳିନୀକାନ୍ତ ପଟ୍ଟନ

ସମ୍ବିଧାନ ଗ୍ରହଣକୁ ପୂରିଲା ୭୭ ବର୍ଷ, ଯୁବକଙ୍କୁ ସ୍ୱତନ୍ତ୍ର ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ : ସମ୍ବିଧାନ ଗ୍ରହଣକୁ ପୂରିଲା ୭୭ ବର୍ଷ । ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ଆଦର୍ଶକୁ ସ୍ମରଣ କରୁଛି ଦେଶ । ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ବା ଜାତୀୟ ଆଇନ ଦିବସ ଭାବେ ପାଳନ କରାଯାଏ । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଭାରତୀୟ ସମ୍ବିଧାନକୁ ଗ୍ରହଣ କରିଥିଲା । ପରବର୍ତ୍ତୀ ସମୟରେ ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଥିଲା । ସମ୍ବିଧାନ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଏକ ବାର୍ତ୍ତା ଲେଖିଛନ୍ତି ।

ଭାରତୀୟ ସମ୍ବିଧାନର ପ୍ରମୁଖ ସ୍ଥପତି ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ୨୦୧୫ରେ କେନ୍ଦ୍ର ସରକାର ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ । ନାଗରିକଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧ ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରିବାକୁ ୨ ବର୍ଷ, ୧୧ ମାସ ଓ ୧୮ ଦିନ ସମୟ ଲାଗିଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସଭାର ସଭାପତି ଥିବାବେଳେ ଡକ୍ଟର ବି.ଆର୍. ଆମ୍ବେଦକର ସମ୍ବିଧାନ ଚିଠା ପ୍ରସ୍ତୁତି କମିଟିର ଅଧ୍ୟକ୍ଷ ଥିଲେ । ମୂଳ ସମ୍ବିଧାନରେ ୩୯୫ଟି ଅନୁଚ୍ଛେଦ, ୨୨ଟି ଭାଗ ଓ ୮ଟି ଅନୁସୂଚୀ ରହିଥିଲା । ବିଶ୍ୱର ଦୀର୍ଘତମ ଲିଖିତ ଜାତୀୟ ସମ୍ବିଧାନ ହେଉଛି ଭାରତୀୟ ସମ୍ବିଧାନ । ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱ ହେଉଛି ଏହାର ମୂଳ ଆଦର୍ଶ । ସମ୍ବିଧାନ ଦେଶର ନାଗରିକଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ସହ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ମଧ୍ୟ ସଚେତନ କରାଏ । ସମ୍ବିଧାନ ଦିବସ ଅବସରରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥାରେ ସାଧାରଣତଃ ସମ୍ବିଧାନର ପ୍ରସ୍ତାବନା ପାଠ, ଆଲୋଚନାଚକ୍ର ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ସମ୍ବିଧାନ କେବଳ ଏକ ଆଇନଗତ ଦସ୍ତାବିଜ ନୁହେଁ, ଏହା ଭାରତୀୟ ଗଣତନ୍ତ୍ରର ମୂଳ ଭିତ୍ତି । ସମ୍ବିଧାନର ମର୍ଯ୍ୟାଦା ରକ୍ଷା, ସାମ୍ବିଧାନିକ ମୂଲ୍ୟବୋଧର ପାଳନ ଏବଂ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବାର ବାର୍ତ୍ତା ଦେଉଛି ଆଜିର ଦିନ ।

ଆନନ୍ଦ ମୋହନଙ୍କୁ ସୁପ୍ରିମ ଝଟକା, ମାସକ ମଧ୍ୟରେ ଜେଲ୍ ଫେରିବାକୁ ନିର୍ଦ୍ଦେଶ



ବିହାର : ବିହାରର ପୂର୍ବତନ ସାଂସଦ ତଥା ବାହୁବଳୀ ନେତା ଆନନ୍ଦ ମୋହନଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି । ୧୯୯୪ ମସିହାରେ ଗୋପାଳଗଞ୍ଜର ତତ୍କାଳୀନ ଜିଲ୍ଲାପାଳ ଜି. କୃଷ୍ଣୈୟାଙ୍କୁ ଭିଡ଼ ହତ୍ୟା କରିବା ମାମଲାରେ ଦୋଷୀ ସାବ୍ୟସ୍ତ ଆନନ୍ଦ ମୋହନଙ୍କ ଆଗୁଆ ମୁକ୍ତିକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ବିହାର ସରକାର ୨୦୨୩ରେ ଜେଲ୍ ନିୟମରେ କରିଥିବା ସଂଶୋଧନକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି କୋର୍ଟ । ଏଥିସହ ଆନନ୍ଦ ମୋହନଙ୍କୁ ଏକ ମାସ ମଧ୍ୟରେ ଆତ୍ମସମର୍ପଣ କରି ପୁଣି ଜେଲ୍ ଫେରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ୧୯୯୪ ମସିହାରେ ଗୋପାଳଗଞ୍ଜର ତତ୍କାଳୀନ ଜିଲ୍ଲାପାଳ ଜି. କୃଷ୍ଣୈୟାଙ୍କୁ ଏକ ଭିଡ଼ ହତ୍ୟା କରିଥିଲା। ଏହି ଘଟଣାରେ ଆନନ୍ଦ ମୋହନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ଆଜୀବନ କାରାଦଣ୍ଡ ମିଳିଥିଲା । ତେବେ ବିହାର ସରକାର ଜେଲ୍ ନିୟମରେ ସଂଶୋଧନ କରି ଆନନ୍ଦ ମୋହନଙ୍କ ଆଗୁଆ ମୁକ୍ତି ପାଇଁ ବାଟ ଖୋଲିଥିଲେ । ଏହାପରେ ୨୦୨୩ ଏପ୍ରିଲ୍ ମାସରେ ସେ ଜେଲ୍ରୁ ମୁକ୍ତ ହୋଇଥିଲେ ।

ଜି. କୃଷ୍ଣୈୟାଙ୍କ ପତ୍ନୀ ଉମା ଦେବୀ କୃଷ୍ଣୈୟା ଏହି ଆଗୁଆ ମୁକ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଆନନ୍ଦ ମୋହନଙ୍କ ମୁକ୍ତିକୁ ରଦ୍ଦ କରିବା ସହ ତାଙ୍କୁ ପୁଣି ଜେଲ୍ ପଠାଇବାକୁ ସେ ଆବେଦନ କରିଥିଲେ । ସେପଟେ ଆନନ୍ଦ ମୋହନ ଓ ବିହାର ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖି ଜେଲରୁ ତାଙ୍କ ମୁକ୍ତି ନିଷ୍ପତ୍ତିକୁ ମନମୁଖି ବୋଲି କୁହାଯାଇପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ । ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆନନ୍ଦ ମୋହନଙ୍କୁ ଏକ ମାସ ମଧ୍ୟରେ ଆତ୍ମସମର୍ପଣ କରି ପୁଣି ଜେଲ୍ ଯିବାକୁ ପଡ଼ିବ ।

ଗୋଧ୍ରା ଟ୍ରେନ୍ ଅଗ୍ନିକାଣ୍ଡ ମାମଲା

ଦୋଷୀକୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନିଲମ୍ବିତ ହେଲା ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ : ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ ଦୋଷୀଙ୍କୁ ସୋମବାର ସୁପ୍ରିମକୋର୍ଟ ପ୍ରଦାନ କରିଛନ୍ତି ବଡ଼ ଆଶ୍ୱସ୍ତି । ଦୋଷୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାର କରି ସର୍ବୋଚ୍ଚ ଅଦାଲତ ଆଜୀବନ କାରାଦଣ୍ଡକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଏମ୍ଏମ୍ ସୁନ୍ଦରେଶ ଏବଂ ପିବି ଭାରାଲେଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ। ଆବେଦନଟି ମୁଖ୍ୟତଃ ସ୍ୱାସ୍ଥ୍ୟ ସମ୍ପର୍କିତ ଆଧାରରେ ଦାଖଲ କରାଯାଇଥିଲା। ଦୋଷୀଙ୍କ ପକ୍ଷରୁ ଉପସ୍ଥିତ ଓକିଲ କୋର୍ଟଙ୍କୁ କହିଥିଲେ ଯେ ସେ ଗତ ୧୮ ବର୍ଷ ଧରି ଜେଲରେ ଅଛନ୍ତି।

ଦୋଷୀଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଅଦାଲତଙ୍କୁ କହିଥିଲେ ଯେ ସେ ଗତ ୧୮ ବର୍ଷ ଧରି ଜେଲ୍ରେ ରହିଛନ୍ତି। ୨୭ ଫେବୃଆରୀ ୨୦୦୨ରେ ସାବରମତୀ ଏକ୍ସପ୍ରେସ୍ ଟ୍ରେନ୍ରେ ନିଆଁ ଲାଗିବା ଫଳରେ ଅଯୋଧ୍ୟାରୁ ଫେରୁଥିବା ୫୯ ଜଣ କାରସେବକ ଜୀବନ୍ତ ଦଗ୍ଧ ହୋଇଥିଲେ। ସୋମବାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ସ୍ୱାତୀ ଘିଲ୍ଡିୟାଲ କହିଥିଲେ ଯେ, ଯଦି ଅଦାଲତ ଦୋଷୀଙ୍କ ଚିକିତ୍ସାଗତ ସ୍ଥିତିକୁ ଆଧାର କରି ଆଶ୍ୱସ୍ତି ପ୍ରଦାନ କରିବାକୁ ବିଚାର କରୁଛନ୍ତି, ତେବେ ରାଜ୍ୟ ସରକାରଙ୍କର ଏଥିରେ କୌଣସି ଆପତ୍ତି ନାହିଁ। ତେବେ ଏହି ଆଶ୍ୱସ୍ତି କେବଳ ଚିକିତ୍ସାଗତ ଆଧାରରେ ସୀମିତ ରହିବା ଉଚିତ । ବାର୍ ଆଣ୍ଡ ବେଞ୍ଚରେ ପ୍ରକାଶିତ ଖବର ଅନୁଯାୟୀ, ଖଣ୍ଡପୀଠ ନିଜ ଆଦେଶରେ କହିଛନ୍ତି ଯେ ଆବେଦନକାରୀଙ୍କ ପକ୍ଷରୁ ମୁଖ୍ୟତଃ ଚିକିତ୍ସାଗତ କାରଣ ଆଧାରରେ ଆବେଦନ ଦାଖଲ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ମଧ୍ୟ ଦୋଷୀଙ୍କ ବରିଷ୍ଠ ଓକିଲଙ୍କ ଦ୍ୱାରା ଉପସ୍ଥାପିତ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କିତ ତଥ୍ୟକୁ ସଠିକ୍ ବୋଲି ସ୍ୱୀକାର କରିଛନ୍ତି।ଏହି ସମସ୍ତ ପରିସ୍ଥିତିକୁ ବିଚାର କରି ଅଦାଲତ ଚିକିତ୍ସାଗତ ଆଧାରରେ ଦୋଷୀଙ୍କ ଦଣ୍ଡକୁ ନିଲମ୍ବିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ଓକିଲ ଏହା ମଧ୍ୟ କହିଥିଲେ ଯେ ଏହି ମାମଲା ଅତ୍ୟନ୍ତ ଗମ୍ଭୀର। ତେବେ ସେ ମାମଲାର ଗୁଣଦୋଷ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଉନାହାନ୍ତି। ଦୋଷୀମାନଙ୍କ ଆବେଦନ ଉପରେ ପୂର୍ବରୁ ଅନେକ ଦିନ ଧରି ବିସ୍ତୃତ ଶୁଣାଣି ହୋଇଥିଲା, କିନ୍ତୁ ଏହା ପରେ ଶୁଣାଣି ଆଗକୁ ବଢ଼ିପାରିନଥିଲା।

ନେପାଳ ପଡ଼ୋଶୀ ନୁହେଁ,ବିଶ୍ୱାସ ଓ ବନ୍ଧୁତାରେ ଆବଦ୍ଧ

ନେପାଳ ପାଇଁ ୧୫ ହଜାର କୋଟିର ପ୍ୟାକେଜ
ଦୁଇ ଦେଶ ମଧ୍ୟରେ ୮ ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ : ନେପାଳ ପ୍ରତିପକ୍ଷ ବାଲେନ ଶାହଙ୍କ ସହ ପ୍ରଥମଥର ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଥମ ବିଦେଶ ଗସ୍ତ ଭାବେ ଭାରତକୁ ବାଛିଥିବା ବାଲେନ ଶାହ ଦିନକ ତଳେ ନୂଆଦିଲ୍ଲୀ ଆସିଥିଲେ। ଆଜି ସେ ମୋଦିଙ୍କ ସହ ଦ୍ୱିପାକ୍ଷିକଙ୍କ ଆଲୋଚନା କରିଛନ୍ତି। ଏହି ସମୟରେ ନେପାଳ ପାଇଁ ପ୍ରଧାନମନ୍ତ୍ରୀ ମୋଦି ୧୫ ହଜାର କୋଟିର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ନିକଟରେ ନେପାଳ ଭୟଙ୍କର ଜଳ ପ୍ରଳୟର ସମ୍ମୁଖୀନ ହୋଇଥିଲା। ଏହି ଜଳ ପ୍ରଳୟ ନେପାଳର ଅଣ୍ଟା ଭାଙ୍ଗି ଦେଇଥିବାରୁ ଭାରତ ସରକାରଙ୍କ ପକ୍ଷରୁ ୧୫ ହଜାର କୋଟିର ପ୍ୟାକେଜ ଘୋଷଣା କରାଯାଇଛି। ଦ୍ୱିପାକ୍ଷିକ ଆଲୋଚନା ପରେ ୩୫ ବର୍ଷୀୟ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ନିଜ ଦେଶର ବିକାଶ ପାଇଁ କରିଥିବା ଯୋଜନାକୁ ପ୍ରଶଂସା କରିଛନ୍ତି ମୋଦି। ସେ କହିଛନ୍ତି ଯେ ଚଳିତ ବର୍ଷ ନେପାଳର ଜନତା ବାଲେନ ଶାହଙ୍କୁ ଦେଇଥିବା ଜନାଦେଶ ସେମାନଙ୍କର ଆକାଂକ୍ଷା ଓ ନୂଆ ପିଢ଼ିଙ୍କ ଆଶାର ପ୍ରତିଫଳନ। ମିଳିତ ସମ୍ବୋଧନରେ ମୋଦି କହିଛନ୍ତି, "କ୍ଷମତା ଦଖଲ ପରେ ନିଜର ପ୍ରଥମ ଦ୍ୱିପାକ୍ଷିକ ବିଦେଶ ଗସ୍ତ ଭାବେ ଭାରତକୁ ଆସିଥିବା ନେପାଳ ପ୍ରଧାନମନ୍ତ୍ରୀ ବଲେନ୍ଦର ଶାହଙ୍କୁ ମୁଁ ସ୍ୱାଗତ କରି ବେଶ ଉତ୍ସାହିତ। କିଛି ମାସ ତଳେ ଯେତେବେଳେ ସେ ବିଶ୍ୱର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଜାତିସଂଘକୁ ସମ୍ବୋଧନ କରୁଥିଲେ ସେତେବେଳେ ଆମେ ତାଙ୍କର ଦୂରଦୃଷ୍ଟି ଓ ଭବିଷ୍ୟତର ସକାରାତ୍ମକ ଯୋଜନାର ଝଲକ ଦେଖିଥିଲୁ। ଏବେ ଗତ କିଛି ଘଣ୍ଟା ଧରି ଆମେ କରିବା ଚର୍ଚ୍ଚା। ସମୟରେ ମୁଁ ନେପାଳର ଭବିଷ୍ୟତ ଓ ଭାରତ-ନେପାଳ ସମ୍ପର୍କ ପ୍ରତି ବାଲେନ ଶାହଙ୍କ ସ୍ପଷ୍ଟ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତାକୁ ମଧ୍ୟ ଅନୁଭବ କରିଛି।" ପ୍ରଧାନମନ୍ତ୍ରୀ ମୋଦିଙ୍କ କହିବା କଥା ଯେ ଭାରତ ଓ ନେପାଳ କେବଳ ପଡ଼ୋଶୀ ନୁହନ୍ତି, ଦୁଇ ଦେଶ ବିଶ୍ୱାସ ଓ ବନ୍ଧୁତାରେ ଆବଦ୍ଧ। ସେ କହିଛନ୍ତି, "ଆମେ ସମାନ ଆକାଂକ୍ଷା ଓ ଚ୍ୟାଲେଞ୍ଜର ସାମ୍ନା କରୁଛୁ। ଆମେ କଠିନ ସମୟରେ ପରସ୍ପର ସହ ଛିଡ଼ା ହେଉଛୁ। ନେପାଳର ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଆମେ ଭଗୀର ଶୋକ ପ୍ରକାଶ କରୁଛୁ। ନେପାଳରେ ଚାଲିଥିବା ପୁନଃ ନିର୍ମାଣ ଓ ବିକାଶ ପାଇଁ ଆମେ ୨୪ ହଜାର କୋଟି ନେପାଳୀ ଟଙ୍କାର ଗୋଟିଏ ବିକାଶମୂଳକ ସହଯୋଗ ପ୍ୟାକେଜ ଘୋଷଣା କରୁଛୁ।"

ନେପାଳ ଭିତ୍ତିଭୂମିର ପୁନଃ ନର୍ମାଣ, ଯୋଗାଯୋଗ ଓ ପ୍ରଳୟ ଯୋଗୁ ଜୀବନ-ଜୀବିକା ଲୋକଙ୍କୁ ଏହି ପ୍ୟାକେଜ ସହାୟତା କରିବ ବୋଲି ମୋଦି ଆଶା କରିଛନ୍ତି। ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଜଳ ପ୍ରଳୟ ୧୫୦୦ ଲୋକ ପ୍ରାଣ ହରାଇଥିବା ବେଳେ ୫୨୦୦ ଜଣ ନିଖୋଜ ହୋଇଯାଇଛନ୍ତି।

ଏପଟେ ବାଲେନ ଶାହ ନିଜ ଭାଷଣରେ ଭାରତରେ ପାଇଥିବା ସମ୍ମାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନେପାଳ ଯିବାକୁ ନିମନ୍ତ୍ରଣ କରିଛନ୍ତି। ଭାରତ ଓ ନେପାଳ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଥାପନ କରି ବାଲେନ ଶାହ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ଥିବା ଘନିଷ୍ଠତାକୁ ଶବ୍ଦରେ ବୟାନ କରାଯାଇ ପାରିବ ନାହିଁ। ଭାରତ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ପାଇଁ ସେ ନୂଆଦିଲ୍ଲୀକୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି।

ଦିଲ୍ଲୀରେ ପୁଣି ଗଣଦୁଷ୍କର୍ମ ଅଭିଯୋଗ, ଘଟଣାରେ ୩ ଗିରଫ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ପୁଣି ଗଣଦୁଷ୍କର୍ମ ଅଭିଯୋଗ । ପୂର୍ବ ଦିଲ୍ଲୀର ପ୍ରୀତ ବିହାର ଅଞ୍ଚଳରେ ଥିବା ଏକ କାଫେରେ ୨୨ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ନିଜ ସହକର୍ମୀଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଯୁବତୀ । ଘଟଣାରେ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି ଦିଲ୍ଲୀ ପୋଲିସ । ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ଅଛନ୍ତି । ଖବର ମୁତାବକ, ସୋମବାର ରାତିରେ ଯୁବତୀ ନିଜର ୬ ଜଣ ସହକର୍ମୀଙ୍କ ସହ ପ୍ରୀତ ବିହାରର ଏକ କାଫେକୁ ପାର୍ଟି କରିବାକୁ ଯାଇଥିଲେ । ରାତି ସାଢ଼େ ୧୧ଟାରେ କାଫେ ବନ୍ଦ ହୋଇଥିଲା । ତେବେ ଜଣେ କର୍ମଚାରୀଙ୍କ ପାଖରେ ଚାବି ଥିବାରୁ ପୁଣି କାଫେ ଖୋଲାଯାଇଥିଲା । ଭୋର ସାଢ଼େ ୩ଟା ପର୍ଯ୍ୟନ୍ତ ସେଠାରେ ପାର୍ଟି ଚାଲିଥିଲା । ଏହି ସମୟରେ ଦୁଇ ଜଣ ପୁରୁଷ ସହକର୍ମୀ ତାଙ୍କ ସହ ଦୁଷ୍କର୍ମ କରିଥିବା ଯୁବତୀ ଅଭିଯୋଗ କରିଛନ୍ତି । ଅନ୍ୟ କେତେଜଣ ସହକର୍ମୀ ମଧ୍ୟ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ଗତକାଲି ଭୋର ପ୍ରାୟ ୫ଟା ୪୫ ମିନିଟରେ ଥାନାରେ ପହଞ୍ଚି ଯୁବତୀ ଅଭିଯୋଗ କରିଥିଲେ । ଯାହାକୁ ଆଧାର କରି ୪ ଜଣ ପୁରୁଷ ଓ ୨ ଜଣ ମହିଳାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଗଣଦୁଷ୍କର୍ମ ସମ୍ପର୍କିତ ଧାରାରେ ମାମଲା ରୁଜୁ କରିଛି ପୋଲିସ । ଘଟଣା ସମ୍ପର୍କିତ ସିସିଟିଭି ଫୁଟେଜ୍ ଆଧାରରେ ଯାଞ୍ଚ କରୁଛି ପୋଲିସ । ଆଗକୁ ମାଜିଷ୍ଟ୍ରେଟଙ୍କ ନିକଟରେ ମଧ୍ୟ ଯୁବତୀଙ୍କ ବୟାନ ରେକର୍ଡ କରାଯିବ । ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ତନାଘନା ଜାରି ରହିଛି । ଏହି ଘଟଣା ପୁଣିଥରେ ଦିଲ୍ଲୀରେ ମହିଳାଙ୍କ ସୁରକ୍ଷା ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶକୁ ନେଇ ପ୍ରଶ୍ନ ଉଠାଇଛି ।



ଆଜି ବି ଲିଭିନି ୨୬/୧୧ର କଳା ସ୍ମୃତି,ଆକ୍ରମଣକୁ ପୂରିଲା ୧୮ ବର୍ଷ



ନୂଆଦିଲ୍ଲୀ: ଆଜି ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୮ତମ ବାର୍ଷିକୀ । ୨୦୦୮ ମସିହା ନଭେମ୍ବର ୨୬ ତାରିଖର ସେହି ଭୟଙ୍କର ଘଟଣାକୁ ଆଜି ବି ଭୁଲିପାରିନି ଦେଶ । ଭାରତର ବାଣିଜ୍ୟିକ ରାଜଧାନୀ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା । ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଆକ୍ରମଣର କ୍ଷତ ଆଜି ବି ଅନେକ ପରିବାରଙ୍କ ମନରେ ତାଜା ରହିଛି । ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏହି ଆକ୍ରମଣ ପାଇଁ ଦାୟୀ ଥିଲା। ଏହି ଆକ୍ରମଣରେ ୧୬୬ ଜଣଙ୍କ ଜୀବନ ଯାଇଥିବା ବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ମୃତକଙ୍କ ମଧ୍ୟରେ ବିଦେଶୀ ନାଗରିକ ଓ ସୁରକ୍ଷାକର୍ମୀ ମଧ୍ୟ ଥିଲେ ।

ମୁମ୍ବାଇର ତାଜମହଲ ପ୍ୟାଲେସ୍ ହୋଟେଲ୍, ଓବେରୟ ଟ୍ରାଇଡେଣ୍ଟ ହୋଟେଲ୍, ଛତ୍ରପତି ଶିବାଜୀ ଟର୍ମିନସ୍ ରେଳ ଷ୍ଟେସନ, ନରିମନ୍ ହାଉସ୍ ସମେତ ଏକାଧିକ ସ୍ଥାନ ଏହି ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିଲା । ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ର ତତ୍କାଳୀନ ମୁଖ୍ୟ ହେମନ୍ତ କରକରେ, ମେଜର ସନ୍ଦୀପ ଉନ୍ନିକ୍ରିଷ୍ଣନ, ଅଶୋକ କାମଟେ, ବିଜୟ ସାଲାସକର ଓ ତୁକାରାମ ଓମ୍ବଲେଙ୍କ ଭଳି ବୀର ସୁରକ୍ଷାକର୍ମୀ ଦେଶ ପାଇଁ ପ୍ରାଣବଳି ଦେଇଥିଲେ। ଏକମାତ୍ର ଜୀବିତ ଧରାପଡ଼ିଥିବା ଆତଙ୍କବାଦୀ ଅଜମଲ କସାବକୁ ୨୦୧୨ ନଭେମ୍ବର ୨୧ରେ ଫାଶୀ ଦିଆଯାଇଥିଲା । ୨୬/୧୧ ଆକ୍ରମଣ ପରେ ଭାରତର ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇଥିଲା । ଜାତୀୟ ତଦନ୍ତକାରୀ ସଂସ୍ଥା (ଘଓଇ) ଗଠନ ସହ ଉପକୂଳ ସୁରକ୍ଷା, ଗୁଇନ୍ଦା ବ୍ୟବସ୍ଥା ଓ ଆତଙ୍କବାଦ ନିରୋଧୀ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯାଇଥିଲା । ୧୮ତମ ବାର୍ଷିକୀ ଅବସରରେ ମୁମ୍ବାଇର ଗେଟୱେ ଅଫ୍ ଇଣ୍ଡିଆରେ ଜାତୀୟ ସୁରକ୍ଷା ଗାର୍ଡ (ଘଝଏ) ପକ୍ଷରୁ 'ନେଭର୍ ଏଭର୍' ଶୀର୍ଷକ ସ୍ୱତନ୍ତ୍ର ସ୍ମୃତି ଓ ସଂକଳ୍ପ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ସହିଦଙ୍କ ପରିବାର, ଆକ୍ରମଣରୁ ବର୍ତ୍ତିଯାଇଥିବା ବ୍ୟକ୍ତି ଓ ବିଶିଷ୍ଟ ନାଗରିକମାନେ ଯୋଗଦେବେ ।

ମୁମ୍ବାଇର ୧୧ଟି କଲେଜ ଓ ୨୬ଟି ସ୍କୁଲରେ ମଧ୍ୟ ସ୍ୱତନ୍ତ୍ର ସଂକଳ୍ପ ଗ୍ରହଣ କାର୍ଯ୍ୟକ୍ରମ ହେବ । ଏହି ଅବସରରେ ଗେଟୱେ ଅଫ୍ ଇଣ୍ଡିଆକୁ ତ୍ରିରଙ୍ଗା ଆଲୋକରେ ସଜାଯିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୨୬/୧୧ କେବଳ ଏକ ଆତଙ୍କବାଦୀ ଆକ୍ରମଣର ସ୍ମୃତି ନୁହେଁ, ଏହା ଭାରତୀୟ ସୁରକ୍ଷାକର୍ମୀଙ୍କ ଅଦମ୍ୟ ସାହସ, ବଳିଦାନ ଓ ମୁମ୍ବାଇବାସୀଙ୍କ ଦୃଢ଼ ମନୋବଳର ମଧ୍ୟ ଏକ ସ୍ମାରକ ।

ଭୁବନେଶ୍ୱର, ଶୁକ୍ରବାର ୨୭ ନଭେମ୍ବର ୨୦୨୬
Bhubaneswar, Friday 27 November 2026
ମଇଦାନ୍
ସମାଜରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ
ପୃଷ୍ଠା ୦୮

ଆଜିଠୁ ଦ୍ୱିତୀୟ ଟେଷ୍ଟ : ସିରାଜଙ୍କୁ ମିଳିପାରେ ସୁଯୋଗ

ଖ୍ରୀଷ୍ଟଚର୍ଚ୍ଚ, ୨୬।୧୧(ଏଜେନ୍ସି): ୱେଲିଂଟନ ଟେଷ୍ଟରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଟେଷ୍ଟ ଡ୍ର ରହିଥିଲା । ଏହା ଭାରତୀୟ ଦଳ ପ୍ରତି ଶକ୍ତ ଧକ୍କା ଥିଲା । ଏବେ କ୍ରାଇଷ୍ଟଚର୍ଚ୍ଚରେ ଆସନ୍ତାକାଲି ଦ୍ୱିତୀୟ ଟେଷ୍ଟରେ ମୁହାଁମୁହିଁ ହେବେ ଘରୋଇ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ । ସିରିଜ୍ ୦-୦ରେ ରହିଛି ଏବଂ ଦ୍ୱିତୀୟ ଟେଷ୍ଟ ଜିତିବା ଟିମ୍ ଇଣ୍ଡିଆ ପାଇଁ ବହୁତ ଜରୁରୀ । ତେଣୁ ସଠିକ ଦଳ ସଂଯୋଜନ ଏବଂ ଚୂଡ଼ାନ୍ତ ଏକାଦଶ ସହ ଦଳକୁ ମଇଦାନକୁ ଓହ୍ଲାଇବାକୁ ପଡ଼ିବ । ସବୁଠୁ ଅଧିକ ନଜର ଭାରତୀୟ ଦ୍ରୁତ ବୋଲିଂ ୟୁନିଟ୍ ଉପରେ ରହିଛି । ପ୍ରଶ୍ନ ଉଠୁଛି କଣ ଭାରତ ସେହି ବୋଲିଂ ଆକ୍ରମଣ ସହ ମଇଦାନକୁ ଓହ୍ଲାଇବ ନା ଦ୍ୱିତୀୟ ଟେଷ୍ଟରେ ପରିବର୍ତ୍ତନ ଦେଖିବାକୁ ମିଳିବ ।



ହାଗଲେ ଓଭାଲ ପିଚ୍‌ରେ ଘାସ ଓ ଆର୍‌ଦ୍ରତା ଥିବାରୁ ଆରମ୍ଭରୁ ଦ୍ରୁତ ବୋଲରଙ୍କୁ ଭଲ ବାଉନ୍ସ ମିଳିବ । ତେବେ ମ୍ୟାଚ୍ ଆଗକୁ ବଢ଼ିବା ସହ ବ୍ୟାଟରଙ୍କୁ ସହାୟତା ମିଳିପାରେ, କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଅସମାନ ବାଉନ୍ସ ଦେଖିବାକୁ ମିଳିବ ବୋଲି କ୍ୟୁରେଟର ସୂଚନା ଦେଇଛନ୍ତି । ଶୁକ୍ରବାର ପାଗ ଶୁଖିଲା ରହିବା ସହ ବର୍ଷାର କୌଣସି ଆଶଙ୍କା ନାହିଁ ।

ଦ୍ୱିତୀୟ ଟେଷ୍ଟ ପୂର୍ବରୁ ମହମ୍ମଦ ସିରାଜଙ୍କ ପ୍ରତ୍ୟାବର୍ତ୍ତନ ନେଇ ଚର୍ଚ୍ଚା ଜୋର ଧରିଛି । କ୍ରାଇଷ୍ଟଚର୍ଚ୍ଚରେ ହୋଇଥିବା ଅଭ୍ୟାସ ସେସନରେ ସିରାଜ ବହୁତ ବୋଲିଂ କରିଥିବା ଦେଖିବାକୁ ମିଳିଛି । ତାଙ୍କ ସହିତ ଗୁରନୂର ବ୍ରାର ମଧ୍ୟ ନେଟ୍‌ସରେ ବୋଲିଂ ଅଭ୍ୟାସ କରିଛନ୍ତି । ଅନ୍ୟପଟେ ଯଶପ୍ରୀତ ବୁମରା, ଅଂଶୁଲ କମ୍ବୋଜ, ଆକାଶ ଦୀପ ଓ ପ୍ରସିଦ୍ଧ କୃଷ୍ଣ ବୋଲିଂ କରି ନ ଥିଲେ ।

ସାଧାରଣତଃ ଟେଷ୍ଟ ମ୍ୟାଚର ଠିକ୍ ଗୋଟିଏ ଦିନ ପୂର୍ବରୁ ସେହି ବୋଲରଙ୍କୁ ବୋଲିଂ କରିବାରୁ ଦୂରରେ ରଖାଯାଏ, ଯାହାଙ୍କ ଚୂଡ଼ାନ୍ତ ଏକାଦଶରେ ଖେଳିବା ନିଶ୍ଚିତ । ତେଣୁ ଏହି ଚାରି ବୋଲର ଅଭ୍ୟାସ ନ କରିବା କିଛି ବିଚିତ୍ର କଥା ନୁହେଁ । ପ୍ରଥମ ଟେଷ୍ଟରେ ଏହି ଚାରି ବୋଲର ୪୦ ଓଭରରୁ ଅଧିକ ଓଭର ବୋଲିଂ କରିଥିଲେ । ବେସିନ ରିଜର୍ଭର ମୁସ୍କିଲ ପିଚରେ ଲଗାତାର ବୋଲିଂ କରିବା ପରେ ଏହି ବୋଲରଙ୍କୁ ବିଶ୍ରାମ ଦେବା ଜରୁରୀ ଥିଲା ।

ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳ ସାମ୍ନାରେ ସଠିକ୍ ବୋଲିଂ ସଂଯୋଜନା ସହ ମଇଦାନକୁ ଓହ୍ଲାଇବା ବଡ଼ ଆହ୍ୱାନ ହେବ । ପ୍ରଥମ ଟେଷ୍ଟରେ ବୋଲର ବହୁତ ପରିଶ୍ରମ କରିଥିଲେ । ଏମିତିରେ ଦଳ ପ୍ରବନ୍ଧକ କୌଣସି ଜଣେ ବୋଲରଙ୍କୁ ବିଶ୍ରାମ ଦେଇ ମହମ୍ମଦ ସିରାଜଙ୍କୁ ସୁଯୋଗ ଦେଇ ପାରନ୍ତି । ଏହା ବ୍ୟତୀତ ରବୀନ୍ଦ୍ର ଜାଡ଼ଜାଙ୍କ ରୂପେ ଦଳରେ ବିକଳ୍ପ ରହିଛି । ଗୁରନୂର ବ୍ରାରଅ ଅଭ୍ୟାସ ସେସନରେ ବୋଲିଂ କରିଛନ୍ତି । ତେଣୁ ସେ ମଧ୍ୟ ସମ୍ଭାବିତ ବିକଳ୍ପ ଭାବେ ରହିଛନ୍ତି । ହେଲେ ନେଟ୍‌ସରେ କେବଳ ବୋଲିଂ କଲେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ଭାବିବା ଭୁଲ୍ ।ଭାରତୀୟ ଦଳ ସାମ୍ନାରେ ଦୁଇଟି ରାସ୍ତାରେ ରହିଛି । ପ୍ରଥମ ଟ୍ୱେଲିଂଟନ ଟେଷ୍ଟ ଖେଳିଥିବା ବୋଲରଙ୍କ ଉପରେ ଭରସା ରଖାଯାଉ । ଦ୍ୱିତୀୟ ବୋଲିଂ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ବୋଲିଂରେ ପରିବର୍ତ୍ତନ କରାଯାଉ । ୨୪୧ ଓଭର ବୋଲିଂ କରିବା ପରେ ଏହି ନିଷ୍ପତ୍ତି ନେବା ସହଜ ନୁହେଁ । ସିରାଜଙ୍କ ପ୍ରତ୍ୟାବର୍ତ୍ତନ ଘଟିଲେ ଦ୍ରୁତ ବୋଲିଂ ଆକ୍ରମଣ ଆହୁରି ଶାଣିତ ହେବ । ରବୀନ୍ଦ୍ର ଜାଡ଼େଜାଙ୍କୁ ସାମିଲ୍ କରାଗଲେ ବୋଲିଂରେ ଦଳକୁ ଅତିରିକ୍ତ ସ୍ପିନ ବିକଳ୍ପ ମିଳିବ । ଏବେ ଦେଖିବାକୁ ବାକି ରହିଲା କ୍ରାଇଷ୍ଟଚର୍ଚ୍ଚରେ ଟିମ୍ ଇଣ୍ଡିଆ କେଉଁ ସଂଯୋଜନ ସହିତ ମଇଦାନକୁ ଓହ୍ଲାଇବ ।

ଭାରତ ସମ୍ଭାବ୍ୟ ୧୧: କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପଡ଼ିକଲ, ଶୁବମନ ଗିଲ୍ (ଅଧିନାୟକ), ରଷଭ ପନ୍ତ (ୱିକେଟ୍‌ରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡ଼ଜା/ୱାସିଂଟନ୍ ସୁନ୍ଦର, ଅଂଶୁଲ କମ୍ବୋଜ, ମହମ୍ମଦ ସିରାଜ/ଆକାଶ ଦୀପ/ଗୁରନୂର ବ୍ରାର, ଯଶପ୍ରୀତ ବୁମ୍‌ରା, ପ୍ରସିଦ୍ଧ କୃଷ୍ଣ ।

ନ୍ୟୁଜିଲାଣ୍ଡ ସମ୍ଭାବ୍ୟ ୧୧: ଟମ୍ ଲାଥମ (ଅଧିନାୟକ), ଡେଭନ କନୱେ, ହେନରି ନିକୋଲ୍ସ, ରାଚିନ ରବୀନ୍ଦ୍ର, ଡାରିଲ ମିଚେଲ, ଟମ୍ ବ୍ଲଣ୍ଡେଲ (ୱିକେଟ୍‌ରକ୍ଷକ), ଗ୍ଲେନ ଫିଲିପ୍ସ, ନାଥନ ସ୍ମିଥ, କାଇଲ

ପ୍ରଥମ ଥର ଆୟୋଜିତ ହେବ ଟି-୨୦ ଓଡ଼ିଶା ଚାମ୍ପିୟନ୍ସ କପ୍ ଫର୍ ଡେଫ୍-୨୦୨୭

କଟକ, ୨୬।୧୧: ରାଜ୍ୟରେ ବଧିର କ୍ରିକେଟ୍ ଖେଳାଳିଙ୍କ ପ୍ରତିଭା ଓ ଦକ୍ଷତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଓଡ଼ିଶା ଡେଫ୍ କ୍ରିକେଟ୍ ଆସୋସିଏସନ୍ (ଡଓଡଇ) ପକ୍ଷରୁ ପ୍ରଥମ ଥର ପାଇଁ ଟି-୨୦ ଓଡ଼ିଶା ଚାମ୍ପିୟନ୍ସ କପ୍ ଫର୍ ଡେଫ୍-୨୦୨୭ ଆୟୋଜନ କରାଯିବ । ଆସନ୍ତା ୨୦୨୭ ଜାନୁଆରୀ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଳବାଇ ଷ୍ଟାଡିୟମ୍‌ରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ।



ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରତିନିଧିତ୍ୱ କରି ଚାରୋଟି ଦଳ ଓଡ଼ିଶା ବ୍ଲୁ (ଏ), ଓଡ଼ିଶା ରେଡ୍ (ବି), ଓଡ଼ିଶା ୟେଲୋ (ସି) ଓ ଓଡ଼ିଶା ଗ୍ରୀନ୍ (ଡି) ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକର ନେତୃତ୍ୱ ନେବେ ଯଥାକ୍ରମେ ପ୍ରଦୀପ ପାଣ୍ଡେ, ଶିବୁନ ନନ୍ଦ, ହିମାଂଶୁ ବରାଳ ଓ ଅମନ ଜେନା ।ଏହି ପ୍ରତିଯୋଗିତା ବଧିର କ୍ରିକେଟ୍ ଖେଳାଳିଙ୍କୁ ନିଜର କ୍ରୀଡ଼ା ପ୍ରତିଭା, ନେତୃତ୍ୱ ଦକ୍ଷତା ଓ ଦଳଗତ ମନୋଭାବ ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ଯୋଗାଇବ ବୋଲି ଡଓଡଇ ପକ୍ଷରୁ କୁହାଯାଇଛି । ଆସୋସିଏସନ୍‌ର ମହାସଚିବ ସାଗରକାନ୍ତ ସେନାପତି ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେବା ସହ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସମସ୍ତ କ୍ରୀଡ଼ାପ୍ରେମୀ, ସମର୍ଥକ ଓ ସମ୍ଭାବ୍ୟ ପ୍ରାୟୋଜକଙ୍କ ସହଯୋଗ ଲୋଡ଼ିଛନ୍ତି । ଏହି ଆୟୋଜନରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତୀକରଣ ବିଭାଗ ଏବଂ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସହଯୋଗ ରହିଛି । ବଧିର କ୍ରିକେଟ୍ ଖେଳାଳିଙ୍କୁ ଅଧିକ ସୁଯୋଗ ଓ ଉନ୍ନତ ମଞ୍ଚ ପ୍ରଦାନ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ।

ଲଗାତାର ଫ୍ଲପ୍ ହେଉଛନ୍ତି ରିଙ୍କୁ

ନୂଆଦିଲ୍ଲୀ:, ୨୬।୧୧(ଏଜେନ୍ସି): ଟିମ୍ ଇଣ୍ଡିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଭାବେ ଜଣାଶୁଣା ରିଙ୍କୁ ସିଂହ ପୁଣିଥରେ ହୋଇଛନ୍ତି ଫ୍ଲପ୍ । ରାଇଜିଂ ଷ୍ଟାର୍ସ ଏସିଆ କପ୍ ୨୦୨୬ରେ ଲଗାତାର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛନ୍ତି ରିଙ୍କୁ । ଇଣ୍ଡିଆ-ଏ'ର



ଉପଅଧିନାୟକ ଭାବେ ଖେଳୁଥିବା ରିଙ୍କୁଙ୍କ ଏଭଳି ପ୍ରଦର୍ଶନ ପରେ ସେ କିଭଳି ଦଳକୁ ଫେରିବେ ଏବଂ ନିଜର ସ୍ଥାନ ପକ୍କା କରିବେ ଏହାକୁ ନେଇ ଉଠିଛି ପ୍ରଶ୍ନ । ଗୁରୁବାର ଶ୍ରୀଲଙ୍କା ଏ ବିପକ୍ଷରେ ମଧ୍ୟ ଚାଲିନି ରିଙ୍କୁଙ୍କ ବ୍ୟାଟ୍ । ୨୧ ବଲ ଖେଳିଥିବାବେଳେ ସେ ମାତ୍ର ୧୨ ରନ୍ କରିବାରେ ସକ୍ଷମ ହୋଇଛନ୍ତି । ଅକ୍ଟୋବର ୨୦୨୬ରେ ରଣଜୀ ଟ୍ରଫି ସିଜନର ଆରମ୍ଭରେ ବିହାର ଓ ଗୋଆ ବିପକ୍ଷରେ ଲଗାତାର ଶତକ ହାସଲ କରି ସେ ନିଜ ଲମ୍ବା ଇନିଂସ ଖେଳିବାର କ୍ଷମତା ପ୍ରମାଣ କରିଥିଲେ । ମାତ୍ର ଏବେ ତାଙ୍କ ବ୍ୟାଟରୁ ଆଉ ବଡ଼ ସ୍କୋର ବାହାରୁ ନଥିବାବେଳେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ରଜତ ପଟିଦାର ଆହତ କାରଣରୁ ୫୦-ଓଭର ଫର୍ମାଟରୁ ଓହରିଯିବା ପରେ ରିଙ୍କୁଙ୍କୁ ଭାରତ ଏ ଦଳର ଉପ-ଅଧିନାୟକ କରାଯାଇଛି । ମିଡିଲ୍ ଅର୍ଡରରେ ଚାପ ରହୁଥିବାବେଳେ ଏହାକୁ ସମ୍ଭାଳିବାରେ ବିଫଳ ହେଉଛନ୍ତି ରିଙ୍କୁ । ଏବେ ଟିମ୍ ଇଣ୍ଡିଆକୁ ଫେରିବା ପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ । ଦଳରେ ଏବେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗୁଥିବାବେଳେ ଏଭଳି ପ୍ରଦର୍ଶନ କ'ଣ ଦଳରେ ସ୍ଥାନ ଦେଇପାରିବ କି ଏଭଳି ଏକ ପ୍ରଶ୍ନ ଉଠିଛି ।

ସୀମିତ ଓଭର କ୍ରିକେଟରେ ଜଣେ ଭରସାଯୋଗ୍ୟ ଫିନିଶର ଭାବେ ପରିଚିତ ରିଙ୍କୁଙ୍କୁ ଆଫଗାନିସ୍ତାନ ଟି-୨୦ ସିରିଜ୍, ଏସିଆନ୍ ଗେମ୍ସ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ଆଇ ଦଳରୁ ବାଦ ପଡ଼ିବାକୁ ପଡ଼ିଥିଲା । ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ବ୍ୟାଟିଂ ସହିତ ବୋଲିଂ କରିପାରୁଥିବା ଖେଳାଳିଙ୍କୁ (ଯେପରିକି ଶିବମ ଦୁବେ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର) ଅଧିକ ପ୍ରାଥମିକତା ଦେଉଛନ୍ତି । ରିଙ୍କୁ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଦଳରେ ସ୍ଥାନ ପକ୍କା କରିବା ପାଇଁ ସେ ନିଜ ବୋଲିଂ କୌଶଳ ଉପରେ ଅଧିକ କାମ କରୁଛନ୍ତି, ଯାହା ଦ୍ୱାରା ସେ 'ଟୁ-ସ୍କିଲ୍ଡ' ଖେଳାଳି ଭାବେ ନିଜକୁ ଉପସ୍ଥାପନ କରିପାରିବେ । ଆଇପିଏଲ୍ ଏବଂ ଘରୋଇ କ୍ରିକେଟରୁ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି ନୂଆ ପ୍ରତିଭା ଆସିବା ଫଳରେ ମଧ୍ୟକ୍ରମ ଓ ଫିନିଶର ସ୍ଥାନ ପାଇଁ ପ୍ରତିଯୋଗିତା ବଢ଼ିଛି ।

ଦିଲ୍ଲୀକୁ ଜିତାଇଲେ ପ୍ରିୟାଂଶ

ନୂଆଦିଲ୍ଲୀ, ୨୬।୧୧(ଏଜେନ୍ସି): ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟ୍ରଫି ୨୦୨୬ । ପ୍ରିୟାଂଶ ଆର୍ଯ୍ୟଙ୍କ ଦମଦାର ବ୍ୟାଟିଂ । ଦମଦାର ଅର୍ଦ୍ଧଶତକ ବଳରେ ଜିତିଲା ଦିଲ୍ଲୀ । ରେଲୱେକୁ ୮ ୱିକେଟରେ ପରାସ୍ତ କରିଛି । ରେଳବାଇ ବିପକ୍ଷରେ, ଦିଲ୍ଲୀର ଅଧିନାୟକ ଏବଂ ଓପନର ପ୍ରିୟାଂଶ ଆର୍ଯ୍ୟ ଦଳକୁ ବିଜୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ୧୨୭ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦିଲ୍ଲୀ ୨ ୱିକେଟ୍ ହରାଇ ୧୧.୧ ଓଭରରେ ଏହାକୁ ଜିତି ନେଇଛି । ତାଙ୍କ ସହ ଦଳ ପକ୍ଷରୁ ତେଜସ୍ୱୀ ଦହିଆ ୪୪ ରନର ବିଷ୍ଫୋର ପାଳି ଖେଳିଛନ୍ତି । ତେବେ ପ୍ରିୟାଂଶ ୩୦ ବଳରୁ ୫୬ ରନ କରିଥିବାବେଳେ ସେ ଫ୍ଲୋୟର ଅଫ୍ ଦ ମ୍ୟାଚ୍ ହୋଇଛନ୍ତି ।ରେଳବାଇ ପ୍ରଥମେ ବ୍ୟାଟିଂ କରିଥିବାବେଳେ ଦିଲ୍ଲୀର ଘାତକ ବୋଲିଂ ଆଗରେ ତିଷ୍ଠି ପାରିନଥିଲା । ମାତ୍ର ୧୯ ଓଭର ୫ଟି ବଲରେ ୧୨୨ ରନରେ ଅଲଆଉଟ୍ ହୋଇଥିଲା । ଦିଲ୍ଲୀ ପକ୍ଷରୁ ସୁୟଶ ଶର୍ମା ଏବଂ ରଜନୀଶ ଦଦ୍ଦର ତିନୋଟି ଲେଖାଏଁ ୱିକେଟ ନେଇଥିଲେ । ଏହାସହ ଦିଗବେଶ ରାଠି ୨ଟି ୱିକେଟ୍ ନେବାରେ ସଫଳ ହୋଇଛନ୍ତି ।ଏହି ସ୍କୋରକୁ ଦିଲ୍ଲୀ ଅତି ସହଜରେ ହାସଲ କରି ନେଇଛି । ପ୍ରିୟାଂଶ ଆର୍ଯ୍ୟ ନିଜସ୍ୱ ଶୈଳୀ ଏବଂ ମନୋବଳରେ ବ୍ୟାଟିଂ ଆରମ୍ଭ କରିବା ପରେ ଏହି ଲକ୍ଷ୍ୟ ଆହୁରି ସହଜ ହୋଇଗଲା । ପ୍ରିୟାଂଶ ଆର୍ଯ୍ୟ ୩୦ ବଲ୍‌ରେ ୫୬ ରନ୍ କରି ଅପରାଜିତ ରହିଥିଲେ । ୧୮୬.୬୬ ଷ୍ଟ୍ରାଇକ୍ ରେଟ୍‌ରେ ଖେଳି ପ୍ରିୟାଂଶ ଏହି ଉତ୍କୃଷ୍ଟ ଇନିଂସରେ ୮ ଚୌକା ଏବଂ ୨ ଛକା ମାରିଥିଲେ । ପ୍ରିୟାଂଶ ୨୯ତମ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ।

ବିମ୍‌ଷ୍ଟେକ୍ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ୍

ପ୍ରଥମ ଦିନରେ ଭାରତକୁ ୬, ଶ୍ରୀଲଙ୍କାକୁ ୨ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୬।୧୧(ଏଜେନ୍ସି): କଳିଙ୍ଗ ଷ୍ଟାଡ଼ିୟମରେ ଜାରି ରହିଛି ବିମ୍‌ଷ୍ଟେକ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ-୨୦୨୬ର ପ୍ରଥମ ସଂସ୍କରଣ । ପ୍ରଥମ ଦିବସରେ ଆୟୋଜକ ଭାରତୀୟ କ୍ରୀଡ଼ାବିତଙ୍କ ଦବଦବା ଦେଖିବାକୁ ମିଳିଥିଲା । ୮ଟି ଇଭେଣ୍ଟରୁ ୬ଟିରେ ଭାରତ ଏବଂ ୨ଟିରେ ଶ୍ରୀଲଙ୍କା ଚାମ୍ପିଅନ ହୋଇଛି ।

ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଉଦଘାଟନ କରିଥିଲେ । ଅଲିମ୍ପିଆନ ଆଦିଲ ସୁମାରିୱାଲା, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, କର୍ଣ୍ଣଲ ଏନ୍.ଏସ୍ ଜୋହାଲ ଏବଂ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ । ଆୟୋଜକ ଭାରତ ସମେତ ବାଂଲାଦେଶ, ଭୁଟାନ, ମିଆଁମାର, ନେପାଳ ଓ ଶ୍ରୀଲଙ୍କାରୁ ୨୧୦ ଜଣ କ୍ରୀଡ଼ାବିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ୧୦୦ ମିଟରରେ ପୁରୁଷରେ ଶ୍ରୀଲଙ୍କା ଏବଂ ମହିଳାରେ ଭାରତ ଟାଇଟଲ ହାସଲ କରିଥିଲା । ପୁରୁଷରେ ଦିନେଥ ଇନ୍ଦୁୱାରା (୧୦.୩୫ ସେକେଣ୍ଡ) ଏବଂ ମହିଳାରେ ମ୍ରିଥିକା ଟି. (୧୨.୦୨ ସେକେଣ୍ଡ) ପ୍ରଥମ ସ୍ଥାନ ହାସଲ କରିଥିଲେ । ଆସନ୍ତା ୨୭ ତାରିଖରେ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ ହେବ ।



ପ୍ରଥମ ଦିନର ଫଳାଫଳ:

ପୁରୁଷ ୧୦୦ ମିଟର: ଦିନାଥ ଇନ୍ଦୁୱାରା ୱେରାଟନା (ଶ୍ରୀଲଙ୍କା) ୧୦.୩୫ ସେକେଣ୍ଡ, ରଷ୍ମିପ୍ରସାଦ ଦେଶାଇ (ଭାରତ) ୧୦.୪୬ ସେକେଣ୍ଡ, ସାଦ ଜମାଲଡେନ (ଶ୍ରୀଲଙ୍କା) ୧୦.୫୭ ସେକେଣ୍ଡ ଓ ନିଲ ସମରାଜ (ଭାରତ) ୧୦.୬୭ ସେକେଣ୍ଡ । ୧୫୦୦ ମିଟର: ହିତେଶ (ଭାରତ) ୩: ୫୬.୭୨ ସେକେଣ୍ଡ, ନେଥସରା ଦିନାଥ ଗାଗବାଡା (ଶ୍ରୀଲଙ୍କା) ୩: ୫୬.୯୦ ସେକେଣ୍ଡ ଏବଂ ରାହୁଲ ସାରନାଲିଆ (ଭାରତ) ୩: ୫୭.୩୮ ସେକେଣ୍ଡ । ହାଇ ଜମ୍ପ: ନେଥୁଆ ସମ୍ପଦ ଜୋନସ୍ଟୁ (ଶ୍ରୀଲଙ୍କା) ୨.୦୮ ମିଟର, ବିନୋୟ ବି (ଭାରତ) ୨.୦୮ ମିଟର ଓ ଅସ୍ତ୍ରିଏଶ କେ (ଭାରତ) ୨.୦୮ ମିଟର । ଟ୍ରିପଲ ଜମ୍ପ: ଦକ୍ଷ ବିଷ୍ଟଇ (ଭାରତ) ୧୫.୫୮ ମିଟର, ସେନୁରା ହାନସାକା (ଶ୍ରୀଲଙ୍କା) ୧୫.୩୨ ମିଟର ଓ ଯୁବରାଜ କେ (ଭାରତ) ୧୫.୧୪ ମିଟର । ସୁଟ୍ ପୁଟ୍: ଅନୁରାଗ ସିଂ କାଲେର୍ (ଭାରତ) ୧୮.୩୪ ମିଟର, ଅତୁଲ (ଭାରତ) ୧୫.୯୬ ମିଟର ଓ ଡବ୍ଲ୍ୟୁ. ଜୟାବୀ (ଶ୍ରୀଲଙ୍କା) ୧୫.୧୭ ମିଟର ।

ମହିଳା ୧୦୦ ମିଟର:ମ୍ରିଥିକା ଟି (ଭାରତ) ୧୨.୦୨ ସେକେଣ୍ଡ, କେ ରିସାନ୍‌ସା ହିରୁପମା (ଶ୍ରୀଲଙ୍କା) ୧୨.୦୭ ସେକେଣ୍ଡ, ଦେୱାନ ସୁମାୟା ୧୨.୨୪ ସେକେଣ୍ଡ ଓ ଭି. ସୁଧୀକ୍ଷା (ଭାରତ) ୧୨.୨୫ ସେକେଣ୍ଡ । ଡିସ୍କସ୍ ଥ୍ରୋ: ପ୍ରିୟା (ଭାରତ) ୫୨.୦୩ ମିଟର, ନିକିତା କୁମାରୀ (ଭାରତ) ୫୦.୦୨ ମିଟର ଓ ବି. ବାଲାସୋରିଆ (ଶ୍ରୀଲଙ୍କା) ୪୪.୯୭ ମିଟର । ୫୦୦୦ ମିଟର: ସୋନମ ପରମାର (ଭାରତ) ୧୭.୩୧.୧୨ ସେକେଣ୍ଡ, ସୁନୀତା ଦେବୀ (ଭାରତ) ୧୭.୩୧.୬୬ ସେକେଣ୍ଡ ଓ କେ ନିତୁକି ପ୍ରାର୍ଥନା (ଶ୍ରୀଲଙ୍କା) ୧୭.୪୭.୦୭ ସେକେଣ୍ଡ ।

'ବୈଭବ ସୂର୍ଯ୍ୟବଂଶୀ ୫୦୦କରିବେ'

ମୁମ୍ବାଇ, ୨୬।୧୧ : ବୈଭବ ସୂର୍ଯ୍ୟବଂଶୀ ଏବେ କ୍ରିକେଟ ଜଗତରେ ଛାଇ ଯାଇଛନ୍ତି । କିଛି ମାସ ହେବ ସେ ଯେତେ ରେକର୍ଡ଼ କରି ସାରିଛନ୍ତି ତାହା ଶୁଣିବାକୁ ଅସମ୍ଭବ ଲାଗୁଛି । ସେତେବେଳେ ପାକିସ୍ତାନର ପୂର୍ବତନ କ୍ରିକେଟର ତାଙ୍କ ବୟସ ଉପରେ ବିନା କାରଣରେ ପ୍ରଶ୍ନ ଉଠାଇ କହିଛନ୍ତି କି ୧୫ବର୍ଷର ପିଲା ୨୮ ଛକ୍କା ଏଭଳି ମାରିପାରିବ ନାହିଁ । କ୍ରିସ ଗେଲ ବି ତାଙ୍କ ବ୍ୟାଟିଂ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏହା ମଧ୍ୟରେ ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ ପିଟରସନ ଭାରତୀୟ ଯୁବ ଖେଳାଳୀଙ୍କୁ ନେଇ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି ।

କେଭିନ ପିଟରସନଙ୍କ କହିବା ଅନୁସାରେ ବୈଭବ ସୂର୍ଯ୍ୟବଂଶୀ ଟେଷ୍ଟ କ୍ରିକେଟର ଏକ ପାଳିରେ ୫୦୦ରନ୍ କରିବେ । ପ୍ରକାଶ ଯେ, ଏବେ ଟେଷ୍ଟରେ କେବଳ ଜଣେ ବ୍ୟାଟର ଅଛନ୍ତି ଯିଏ ଗୋଟିଏ ପାଳିରେ ୪୦୦ରନ୍ କରିପାରିଛନ୍ତି । ସେହି ରେକର୍ଡ଼ ବ୍ରାୟନ ଲାରାଙ୍କ ଅଟେ, ଯିଏ ୨୦୦୪ରେ ଇଂଲଣ୍ଡ ବିପକ୍ଷ ନଟ୍‌ଆଉଟ୍ ୪୦୦ ରନ୍ କରିଥିଲେ ।ପିଟରସନ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରି ଲେଖିଛନ୍ତି କି, ଆଗାମୀ ୫ବର୍ଷ ଭିତରେ ବୈଭବ ଏକ ଟେଷ୍ଟ ମ୍ୟାଚରେ ୫୦୦ରନ୍ କରିବେ । ବୈଭବ ଏସିଆ କପ୍ ରାଇଜିଂ ଷ୍ଟାର୍ସରେ ୟୁଏଇ ବିପକ୍